**Odisha Legislative Assembly**

## ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୭ ଡିସେମ୍ବର ୨୦୨୪

----

**[ମହିଳା ଓ ଶିଶୁ ବିକାଶ - ନିର୍ମାଣ - ପର୍ଯ୍ୟଟନ - ଅବକାରୀ - ମିଶନ ଶକ୍ତି - ଆଇନ ଉପ ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 231**

----

### ବିନା ସୁଧରେ ଋଣ ଦେବା

2391 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଜପତି ଜିଲ୍ଲାରେ ଆର୍ଥିକ ଅନଗ୍ରସର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

### ପର୍ଯ୍ୟଟନ ସ୍ଥଳୀର ବିକାଶ

2392 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଜପତି ଜିଲ୍ଲାରେ ବିଭିନ୍ନ ଜଳପ୍ରପାତ ଓ ପର୍ଯ୍ୟଟନସ୍ଥଳୀ ଅଛି କିନ୍ତୁ ତାହାର ଆନୁସଙ୍ଗିକ ବିକାଶ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ ଏହାସହିତ ପାରଳାଖେମୁଣ୍ଡି ଠାରେ ଥିବା ପ୍ରସିଦ୍ଧ ବୃନ୍ଦାବନ ପ୍ୟାଲେସ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ୟାଲେସର ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷିତ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ କୌଣସି ଦୃଷ୍ଟି ଦିଆଯାଉନାହିଁ ; ତୁରନ୍ତ ଏସବୁର କାର୍ଯ୍ୟ କରିବା ସହିତ ଏଠାରେ ମହାରାଜଙ୍କ ମ୍ୟୁଜିୟମ ସ୍ଥାପନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## କେନ୍ଦୁଝର ଜିଲ୍ଲାରେ ଥିବା R&B ରାସ୍ତା

**2393 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମଗ୍ର କେନ୍ଦୁଝର ଜିଲ୍ଲାରେ କେତେ କିଲୋମିଟର ଦୈର୍ଘ୍ୟ R & B ରୋଡ ଅଛି ; ନିର୍ବାଚନ ମଣ୍ଡଳୀୱାରୀ ଏହାର ଏକ ତାଲିକା ପ୍ରଦାନ କରିବେ କି ; ପ୍ରବଳ ବର୍ଷା ଏବଂ ଭାରୀଯାନ ଚଳପ୍ରଚଳ କାରଣରୁ ଅଧିକାଂଶ ରାସ୍ତା ଗମନାଗମନ ପାଇଁ ଅନୁପଯୁକ୍ତ ହୋଇଥିବା ସରକାରଙ୍କର ଦୃଷ୍ଟିକୁ ଆସିଛି କି ; କେଉଁ କେଉଁ ରାସ୍ତା ମରାମତି ବାବଦରେ କେତେ ବ୍ୟୟ ବରାଦ ଅଛି ଜଣାଇବା ସଙ୍ଗେ ସଙ୍ଗେ ସୁଆଁପଦା-ବାଲିବରୁଆଁ RD ରାସ୍ତାକୁ ଏ ବିଭାଗ ପୁନରୁଦ୍ଧାର କରିବାକୁ ବ୍ୟବସ୍ଥା କରିବେ କି?

----

## ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ

**2394 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ କେତେଗୋଟି ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଅଛି ; ଏଗୁଡିକ ମଧ୍ୟରୁ କେତେଗୋଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି ; କେଉଁ କେଉଁ କେନ୍ଦ୍ର ଗୁଡିକର ନିଜସ୍ୱ ଗୃହ ନାହିଁ ; ICDSୱାରୀ ତାର ଏକ ତାଲିକା ପ୍ରଦାନ ଏବଂ କେତୋଟି ନୂତନ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ମିଳିଛି ତାର ଏକ ତାଲିକା ପ୍ରଦାନ କରିବେ କି?

----

## Coastal Highway ର ସ୍ଥିତି

**2395 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗୋପାଳପୁର ଠୁ ବିଘା ଯାଏଁ ପ୍ରସ୍ତାବିତ କୋଷ୍ଟାଲ ହାଇୱେର Present stauts କଣ ; ଏହା ପାଇଁ କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହେବ ; କେଉଁ କେଉଁ ପଂଚାୟତ ଦେଇ ଉକ୍ତ ରାସ୍ତା ଯିବ ଏବଂ ଏହାର road map ପ୍ରଦାନ କରିବା ସହ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ କେତେ କିମି ରାସ୍ତା ପଡ଼ିବ ଏବଂ କେଉଁ ଗାଁ ଦେଇ ଉକ୍ତ ରାସ୍ତା ପ୍ରସ୍ତାବିତ ହୋଇଛି ଏହାର କାର୍ଯ୍ୟାରମ୍ଭ କେବେ ହେବ କହିବା ସହ ଉକ୍ତ ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ପର୍ଯ୍ୟଟନ ସ୍ଥଳୀକୁ ଅର୍ଥ

**2396 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବାଲେଶ୍ୱରର କେଉଁ ପ୍ରସିଦ୍ଧ ମନ୍ଦିର ଗୁଡିକ ପର୍ଯ୍ୟଟନ ବିଭାଗ ଅନ୍ତର୍ଗତ ଆସୁଛି ଏବଂ କେଉଁ ସ୍ଥଳୀକୁ କେତେ ଅର୍ଥ କେଉଁ କାର୍ଯ୍ୟ ପାଇଁ ଆସିଛି ଏବଂ ଉକ୍ତ କାର୍ଯ୍ୟ କେଉଁ ପ୍ରକାରେ ସମ୍ପାଦନ ହେଉଛି ତାହାର ଏକ ତଥ୍ୟ ପ୍ରଦାନ କରିବେ କି ? (ଖ) ନୀଳଗିରିର ପ୍ରସିଦ୍ଧ ମନ୍ଦିର ଭୂଦାରଚଣ୍ଡି ପାଇଁ ବିଭାଗ ତରଫରୁ ଗତ କିଛି ବର୍ଷ ହେବ କେତେ ଅର୍ଥ ବ୍ୟୟ ବରାଦ ପାଇଁ ପ୍ରସ୍ତାବିତ ହେଇଥିଲା ଏବଂ ଏଯାବତ୍ କେଉଁ କାରଣ ପାଇଁ ଉକ୍ତ ଅର୍ଥ ଆସିପାରିନାହିଁ କହିବେ କି ଏବଂ କେବେ ସୁଦ୍ଧା ଉକ୍ତ ସ୍ଥଳୀ ପାଇଁ ଅର୍ଥ ଆସିବ ଏହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## MBK ମାନଙ୍କର ଦରମା ବୃଦ୍ଧି

2397 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବ୍ଲକରେ ମିଶନ ଶକ୍ତି ଅଧିନରେ କାର୍ଯ୍ୟରତ ସି.ଆର.ପି କୃଷି ମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, ଏମ.ବି.କେ ମାନଙ୍କର ଦରମା କେବେଠାରୁ ପ୍ରଦାନ କରାଯାଇନାହିଁ ; (ଖ) ଏହି ସମସ୍ତ କର୍ମଚାରୀଙ୍କୁ କେବେ ସୁଦ୍ଧା ବକେୟା ସମେତ ନିୟମିତ ଦରମା ମିଳିପାରିବ?

----

## ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ

2398 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କ) କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ମଣ୍ଡଳ-1 ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଉପରେ ପ୍ରସ୍ତାବିତ ଓ ପ୍ରଶାସନିକ ମଂଜୁରୀପ୍ରାପ୍ତ ନୀଳକଣ୍ଠପୁର-ଜଗନ୍ନାଥପୁର ସେତୁ ଓ ଅଳପୁଆ-ଧୂମାତ ସେତୁର ନିର୍ମାଣ କାର୍ଯ୍ୟରେ କି କି ଅଗ୍ରଗତି ହୋଇଅଛି ; (ଖ) ଏହି ଦୁଇଟି ସେତୁର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସରକାର ସହୃଦୟତାର ସହ ନିଷ୍ପତ୍ତି ନେବେ କି?

----

## ସୁଭଦ୍ରା ଯୋଜନାରେ ଅର୍ଥ ପ୍ରଦାନ

2399 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ସରକାର କେବେ ଠାରୁ ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି, ଏହି ଯୋଜନାରେ ହିତାଧିକାରୀ ହେବାପାଇଁ ଏଯାବତ୍ କେତେ ସଂଖ୍ୟକ ମହିଳା ଆବେଦନ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ମହିଳାଙ୍କୁ ମୋଟ୍ କେତେ ଅର୍ଥ ପ୍ରଦାନ କରାଯାଇଛି, ଅବଶିଷ୍ଟ ଆବେଦନକାରୀମାନଙ୍କୁ କେବେ ସୁଦ୍ଧା ଅର୍ଥ ପ୍ରଦାନ କରାଯିବ, ସୁଭଦ୍ରା ଯୋଜନାରେ କେତେ ମହିଳାଙ୍କୁ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ?

----

## ମହିଳାମାନଙ୍କ ଦ୍ୱାରା ମଦ ଦୋକାନ ଉପରେ ଆକ୍ରମଣ

2400 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୧୦ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲା ସମେତ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ମଦ ଦୋକାନ ଉପରେ ମହିଳା ଗୋଷ୍ଠି ଓ ସ୍ଥାନୀୟ ଲୋକେ ମଦ ବନ୍ଦ ଦାବିରେ ଆକ୍ରମଣ କରିଛନ୍ତି , ଏଥିରେ କେତେ ସଂଖ୍ୟକ ଦୋକାନ ବନ୍ଦ ହୋଇଛି ଓ କେତେ ମହିଳା ଓ କେତେ ପୁରୁଷଙ୍କ ନାଁରେ ମାମଲା ରୁଜୁ ହୋଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଏବଂ ଏହି ଘଟଣାରେ କେତେ ମହିଳା ଜେଲ୍ ଯାଇଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କେ ?

----

## ନିର୍ମାଣ ବିଭାଗ ଦ୍ୱାରା ବହୁତଳ ପ୍ରାସାଦ ନିର୍ମାଣ

2401 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶାରେ ପୂର୍ତ୍ତ ବିଭାଗ ଅଧୀନରେ ଗତ ୫ବର୍ଷ ମଧ୍ୟରେ କେତୋଟି ବହୁତଳ ବିଶିଷ୍ଟ ପ୍ରାସାଦ କେଉଁ କେଉଁ ଜିଲ୍ଲାରେ ନିର୍ମାଣ ହୋଇଛି, ଏହି ପ୍ରକଳ୍ପ ଗୁଡିକରେ କେତେ ବ୍ୟୟ ବରାଦ ହୋଇଥିଲା ଓ କାର୍ଯ୍ୟ ସମ୍ପୂର୍ଣ ହେବାର ଧାର୍ଯ୍ୟ ତାରିଖ କ'ଣ ଥିଲା ଏବଂ ଏହି ସମୟ ମଧ୍ୟରେ କେତୋଟି କାର୍ଯ୍ୟ ସମ୍ପନ୍ନ ହୋଇଛି ବା ହୋଇନି ତାହା ଜଣାଇବା ସହ ଏଗୁଡିକ ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲା ?

----

## Tourist Boat ପାଇଁ Online Booking

2402 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା, ସାତପଡ଼ା ଅଞ୍ଚଳରେ ପର୍ଯ୍ୟଟକ ମାନଙ୍କ ପାଇଁ ଥିବା Tourist Boat ଗୁଡିକର ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ Boat Association ମାନଙ୍କୁ ନେଇ Online Booking ର ସୁବିଧା ଦେବା ସମ୍ବନ୍ଧରେ ଜିଲ୍ଲାପାଳଙ୍କ ସହିତ Boat Associationର ଆଲୋଚନା ସରିଥିବା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନଥିବାର କାରଣ କଣ, ଏହି Online Booking System କୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସରକାର କେବେ ସୁଦ୍ଧା ପଦକ୍ଷେପ ନେବେ ?

----

## ରାସ୍ତାକୁ Tourism Corriendor ରାସ୍ତାରୂପେ ନିର୍ମାଣ

2403 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡ଼ା ରାସ୍ତା ଓ କୋଠାବାଡ଼ି ବିଭାଜନ ଅନ୍ତର୍ଗତ ପଟ୍ଟାମୁଣ୍ଡାଇଠାରୁ ଭିତିରକନିକା ( ଡ଼ାଙ୍ଗମାଳ) ପର୍ଯ୍ୟନ୍ତ ୫୪ କି.ମି. ରାସ୍ତାକୁ ସ୍ୱତନ୍ତ୍ର Tourism Corriendor ରାସ୍ତା ରୂପେ ନିର୍ମାଣ କରିବା ପାଇଁ ରଖାଯାଇଥିବା ପ୍ରସ୍ତାବ କେଉଁ ସ୍ଥିତିରେ ଅଛି, ଏହା କେବେ ସୁଧା ନିର୍ମାଣ ଆରମ୍ଭ ହୋଇ କେବେ ସୁଧା ସରିବାର ଯୋଜନା ଅଛି, ଏଥିପାଇଁ ଚଳିତ ବର୍ଷ ବଜେଟରେ କେତେ ଅର୍ଥବ୍ୟୟ ବରାଦ କରାଯାଇଅଛି ?

----

## ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମୀ ବିକାଶ

2404 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେନ୍ଦ୍ରାପଡ଼ା ଜିଲ୍ଲାର କେଉଁ କେଉଁ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ କରିବା ପାଇଁ ସରକାର ସ୍ଥିର କରିଛନ୍ତି , ଭିତରକନିକାରେ Ecotourism ଭିତ୍ତିଭୂମିର ବିକାଶ କରିବା ପାଇଁ କଣ ଯୋଜନା ହାତକୁ ନିଆଯାଇଛି ଓ ଏଥିପାଇଁ ଚଳିତବର୍ଷ କେନ୍ଦ୍ର ଓ ରାଜ୍ୟ ବଜେଟରେ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି, ପେଣ୍ଠବେଳା ଭୂମିକୁ ଅର୍ଥିକ ଆକର୍ଷଣୀୟ କରିବା ପାଇଁ ଏହା ନିକଟରେ ଏକ Tourist Village (ଉନ୍ନତ ଭିତ୍ତିଭୂମି) ସହ Cottage ଓ ହୋଟେଲ ନିର୍ମାଣ Cluster ନିର୍ମାଣ କରିବେ କି ?

----

## ପର୍ଯ୍ୟଟନ ସ୍ଥଳୀର OTDC ତରଫରୁ ରହଣି ବ୍ୟବସ୍ଥା

2405 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପାନ୍ଥନିବାସ ବଳି ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳି ନିକଟବର୍ତ୍ତୀ ଅଞ୍ଚଳରେ OTDC ତରଫରୁ କି କି ପ୍ରକାର ରହଣି ସ୍ଥଳ ପର୍ଯ୍ୟଟନକମାନଙ୍କୁ ପାଇଁ ଅଛି, ତାର ସମ୍ପୂର୍ଣ୍ଣ ତଥ୍ୟ ଦେବା ସହ ଦେଶ ବିଦେଶରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି, ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ଭାଷାରେ ବୁଝାଇବା, ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଦେବା ଓ ଓଡ଼ିଶାର ଐତିହ୍ୟ, ଗାଥା ସମ୍ବନ୍ଧରେ ପ୍ରଚାର ପ୍ରସାର କରିବା ପାଇଁ ସରକାରୀ ପଦକ୍ଷେପ କ'ଣ କ'ଣ ନିଆଯାଉଛି ?

----

## ଶିଶୁ ନିଖୋଜ

2406 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶାରୁ କେତେ ମହିଳା, ଝିଅମାନେ କେଉଁ ସବୁ କାରଣରୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛନ୍ତି, କେତେ ଝିଅ ଓ ମହିଳାଙ୍କୁ ଦଲାଲଙ୍କ କବଳରୁ ସରକାର ଉଦ୍ଧାର କରିଛନ୍ତି ଓ କେତେ ମହିଳା ଓ ଯୁବତୀ ନିଖୋଜ ଅଛନ୍ତି, ସେହିପରି ନାରୀ ନିର୍ଯ୍ୟାତନା Index ରେ ଓଡ଼ିଶାର ସ୍ଥାନ ଦେଶରେ କେତେ ନମ୍ବରରେ ଅଛି, ଦୈନିକ କେତେ ଯୁବତୀ ଓ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି, ମହିଳାମାନଙ୍କର ସୁରକ୍ଷା, ଆର୍ଥିକ ପ୍ରଗତି, ଶିକ୍ଷାରେ ଉନ୍ନତି ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସରକାରଙ୍କର ବିଶେଷ ପଦକ୍ଷେପ କଣ ନିଆଯାଉଛି, ସେହିପରି କେତେ ଶିଶୁ ନିଖୋଜ ଅଛନ୍ତି, ବହୁ ବର୍ଷ ଧରି ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା MBK, CRP, ବ୍ୟାଙ୍କ ମିତ୍ରମାନଙ୍କୁ ଦୀର୍ଘ ୮ ମାସ ହେଲା ଦରମା ନଦେବାର କାରଣ କ'ଣ ?

----

## ଅଙ୍ଗନୱାଡି କର୍ମୀଙ୍କୁ ICDS Supervisor ପଦବୀକୁ ପଦୋନ୍ନତି

2407 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରୁ ICDS Supervisor ପଦବୀକୁ ପଦୋନ୍ନତି ପାଇଁ କେତୋଟି ପଦବୀ ସଂରକ୍ଷିତ ଅଛି ଅଦ୍ୟାବଧି ଏହି ସଂରକ୍ଷିତ ପଦବୀରୁ କେତୋଟି ପୂରଣ ହୋଇନାହିଁ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବିଭିନ୍ନ ବରପୁତ୍ର ନାମରେ ସେତୁ ନାମିତ

2408 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ସେତୁ ଓ ସଡକଗୁଡିକୁ ବିଭିନ୍ନ ବରପୁତ୍ରଙ୍କ ନାମରେ ନାମିତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି?

----

## ପର୍ଯ୍ୟଟନ ବିଭାଗ ତରଫରୁ ଉତ୍ସବ ପାଳନ

2409 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ କେଉଁ କେଉଁ ଜିଲ୍ଲାରେ କେଉଁ ଉତ୍ସବ ପାଳନ କରାଯାଇ ବିଗତ ତିନି ବର୍ଷରେ ସେ ବାବଦରେ କେତେଅର୍ଥ ବ୍ୟୟ କରାଯାଇଛି ଚଳିତ ଶୀତ ଋତୁରେ କେଉଁ କେଉଁଠାରେ ଉତ୍ସବ ଆୟୋଜନରେ ପ୍ରସ୍ତାବ ଅଛି ଓ ପ୍ରତ୍ୟେକ ଜିଲ୍ଲାରେ ଏହା ସଂପାଦନ ପାଇଁ ବ୍ୟବସ୍ଥା କରିବେ କି?

----

## ଅତ୍ୟାଧୁନିକ ରାଜପଥ ନିର୍ମାଣ

2410 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରୀକ୍ଷେତ୍ର ପୁରୀକୁ ଭୁବନେଶ୍ୱର ସହ ସ୍ୱଳ୍ପ ସମୟରେ ପହଞ୍ଚିବା ସୁବ୍ୟବସ୍ଥିତ ନିମନ୍ତେ ଏକ ନୂତନ ଅତ୍ୟାଧୁନିକ ସଂପ୍ରସାରିତ ରାଜପଥ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ନିମ୍ନମାନର ଛତୁଆ ଯୋଗାଣ

2411 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସିମୁଳିଆ ନିର୍ବାଚନମଣ୍ଡଳୀର ଖଇରା ବ୍ଲକରେ ମହିଳା ସାମୁଖ୍ୟ SHG Group ର ନିମ୍ନମାନର ଛତୁଆ ବଣ୍ଟନ କରୁଥିବାର ବହୁବାର ଅଭିଯୋଗ ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନହେବାର କାରଣ କଣ ?

----

## ଖଇରା ଠାରେ JMFC କୋର୍ଟ କାର୍ଯ୍ୟକ୍ଷମ

2412 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ 2019 2020 ଆର୍ଥିକ ବର୍ଷଠାରୁ ଅଦ୍ୟାବଧି କେଉଁ କେଉଁ ଜିଲ୍ଲାରେ କେତୋଟି JMFC କୋର୍ଟ କାର୍ଯ୍ୟକାରୀ ହୋଇଛି, ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲାର କେତୋଟି JMFC କୋର୍ଟ ମଂଜୁର ହୋଇଛି, ଖଇରା ତହସିଲଠାରେ Court Building ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ଏହି କୋର୍ଟ କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ ଓ ସଠିକ୍ କେଉଁ ତାରିଖରେ କାର୍ଯ୍ୟକ୍ଷମ ହେବ ?

----

## କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା

2413 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାର କେଉଁ ସହର ଓ ଶିଳ୍ପାଞ୍ଚଳରେ କେତେଜଣ କର୍ମଜୀବୀ ମହିଳାଙ୍କ ରହଣୀ ପାଇଁ କେତେଗୋଟି କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା କରାଯାଇଛି ଓ ନିର୍ମାଣାଧିନ ଅଛି, କର୍ମଜୀବୀ ମହିଳାଙ୍କ ରହଣୀ ପାଇଁ ଅଧିକ କର୍ମଜୀବୀ ମହିଳା ନିବାସ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ରାସ୍ତା ଓ ଲେନ୍ କରିବାପାଇଁ ପଦକ୍ଷେପ

2414 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଯୋଡ଼ା ବ୍ଲକ ଏକ ଖଣି ବହୁଳ ଅଞ୍ଚଳ ହୋଇଥବା ଓ ଏଠାରେ ବାମେବାରୀଠାରୁ ଯୋଡ଼ା ପର୍ଯ୍ୟନ୍ତ ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟକ ଖଣିଜ ପରିବହନ କରୁଥିବା ଭାରୀଯାନ ସହିତ ଆମ୍ବୁଲାନ୍ସ, ଯାତ୍ରୀବାହୀ ଗାଡ଼ି, ବିଦ୍ୟାଳୟ ଗାଡ଼ି ଓ ସର୍ବସାଧାରଣଙ୍କ ଗାଡ଼ି ଚଳାଚଳ କରିଥାଏ, ଏହି ରାସ୍ତା ଅଣଓସାରିଆ ହେବା ସହ ନିମ୍ନମାନର କାମ ଯୋଗୁଁ ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ହୋଇ ଘଣ୍ଟାଘଣ୍ଟା ଗାଡ଼ି ମୋଟର ଅଟକି ରହୁଥିବା ଅଭିଯୋଗ ପରିପ୍ରେକ୍ଷୀରେ ବାମେବାରୀ ଠାରୁ ଯୋଡ଼ା ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ ବିଶିଷ୍ଟ ରାସ୍ତା କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଅସହାୟ ମହିଳା ଚିହ୍ନଟ

2415 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତେ ଅସହାୟ ମହିଳାଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କୁ ସୁରକ୍ଷିତ ଭାବେ ରଖି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ନୂତନ ଜାତୀୟ ରାଜପଥ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

2416 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ନୂତନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି, ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପର୍ଯ୍ୟଟନ ଉନ୍ନୟନ ନିଗମର ଲାଭକ୍ଷତି

2417 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ବିଗତ ତିନି ବର୍ଷରେ ପ୍ରତିଷ୍ଠାନ ଖର୍ଚ୍ଚ ବାଦ ଦେଇ କେତେ ଲାଭ ବା କ୍ଷତି କରିଛି ?

----

## ନୂତନ ଫ୍ଲାଇଓଭର ବ୍ରିଜ ନିର୍ମାଣ

2418 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆସିକା ଅଞ୍ଚଳରେ ଯାନବାହନ ଗମନାଗମନର ବୃଦ୍ଧି ପାଇଥିବା ଯୋଗୁଁ ଆସିକାର ବିଜୁପଟ୍ଟନାୟକ ଛକଠାରୁ ପାକଲାପଲ୍ଲୀ ଛକ ରାସ୍ତା ପର୍ଯ୍ୟନ୍ତ ଦିନର ସମସ୍ତ ସମୟରେ ରାସ୍ତା ଗହଳି ହୋଇ ଜନସାଧାରଣଙ୍କୁ ବହୁତ ଅସୁବିଧା ହେଉଅଛି ଏବଂ ସରକାର ଆସିକାର ବିଜୁପଟ୍ଟନାୟକ ଛକଠାରୁ ପାକଲାପଲ୍ଲୀ ଛକ ପର୍ଯ୍ୟନ୍ତ ଗୋଟିଏ ଫ୍ଲାଇଓଭର ବ୍ରିଜ ନିର୍ମାଣ କରିବା ଯୋଜନା କରି କେତେଦିନ ମଧ୍ୟରେ କାର୍ଯ୍ୟାରମ୍ଭ କରିବେ ?

----

2419 **Shri Saroj Kumar Padhi (Aska):**

Will the Minister for **Rural Development** be pleased to state that:-:-

----

## ଜାତୀୟ ରାଜପଥ କଡ଼ରୁ ପାଣି ନିଷ୍କାସନ

2420 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ଚଣ୍ଡିଖୋଲ ପର୍ଯ୍ୟଟ ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବା ଯୋଗୁଁ ବ୍ୟାପକ ଅଞ୍ଚଳ ଜଳବନ୍ଦୀ ହେବାସହ ଚାଷ ଜମିରେ ପାଣି ଜମି ଫସଲ ନଷ୍ଟ ହେଉଥିବା ଓ ବିଭିନ୍ନ ଅଣ୍ଡର ପାସ୍‌ରେ ପାଣି ଜମିବା ସହ ଗମନାଗମନ ବାଧାପ୍ରାପ୍ତ ହେଉଥିବା ପରିପ୍ରେକ୍ଷୀରେ ଏନ୍.ଏଚ୍. ପାର୍ଶ୍ୱ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁ-ସମ୍ପାଦନ ସହ ଅଣ୍ଡରପାସ୍‌ରେ ଯେପରି ପାଣି ନ ଜମେ, ସେଥିପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ପର୍ଯ୍ୟଟନ ସର୍କିଟ ପାଇଁ ପ୍ରସ୍ତାବ

2421 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧାର ବରୁଣେଇ, ଅତ୍ରି ଉଷ୍ଣପ୍ରସ୍ରବଣ, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ଧଉଳି ପାହାଡ଼, ଲିଙ୍ଗରାଜ ମନ୍ଦିର, ଜୟଦେବପୀଠ, କେନ୍ଦୁଲିକୁ ନେଇ ଏକ ପର୍ଯ୍ୟଟନ ସର୍କିଟ୍ ବିକଶିତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## NCRB Data Shows

2422 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

NCRB data shows a high incidence of crimes against women in Odisha, How many cases of assault and domestic violence were reported in the last year; What new measures are being implemented to protect women and improve law enforcement in these cases ; What percentage of police stations in Odisha have women officers, and is there a plan to increase their representation in police forces, particularly in rural and sensitive areas; How many One Stop Centres for women in distress have been set up, and what additional support is being planned to ensure victims of violence receive timely help?

----

## Testing of Chhatua Samples

2423 **Shri Kalikesh Narayan Singh Deo (Bolangir):**

Will the Minister for **Deputy Chief Minister** be pleased to state that:-:-

(a) whether the Government is aware of the State Food Testing Laboratory, Bhubaneswar's report (April 2023 to June 2024) finding sub-standard/unsafe Take Home Ration (THR) Chhatua samples; (b) whether any action has been

taken against the Self Help Groups (SHGs) producing these sub-standard THRS as per guidelines dated 03.08.2018; whether any action has been initiated against field officials who failed to supervise THR production despite negative testing reports; if so, the details thereof ?

----

## RD ରାସ୍ତା ନିର୍ମାଣ ବିଭାଗକୁ ହସ୍ତାନ୍ତର

2424 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ନିର୍ମାଣ ବିଭାଗକୁ ସଡ଼କପଥ କେତେ କି.ମି. ହସ୍ତାନ୍ତର ହେବ ସେଥିପାଇଁ ନୀତି ନିର୍ଦ୍ଧାରଣ ହୋଇଛି କି; ଯଦି ହୋଇଥାଏ ତାହା କଣ ଓ ସେଥିପାଇଁ ଜିଲ୍ଲାମାନଙ୍କୁ କିମ୍ବା ଜିଲ୍ଲାପାଳଙ୍କୁ ପ୍ରସ୍ତାବ ମଗାଯାଇଛି କି; ଏହାର ରୂପରେଖ କଣ ?

----

## ଶିଶୁମାନଙ୍କ ଅପପୃଷ୍ଟି ରୋକିବା ପାଇଁ ପଦକ୍ଷେପ

2425 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶିଶୁମାନଙ୍କ ଅପପୃଷ୍ଟିକୁ ରୋକିବା ପାଇଁ ସରକାରଙ୍କ ବିଶେଷ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା କ'ଣ ପ୍ରସ୍ତୁତ ହୋଇଛି; ଏଥିଲାଗି କେଉଁ ଜିଲ୍ଲାରେ କିପରି ଧ୍ୟାନ ଦିଆଯାଇଛି, ସବୁ ଜିଲ୍ଲାର ସମାନ କାର୍ଯ୍ୟକ୍ରମ କି ?

----

## ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ

2426 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଅଦ୍ୟାବଧି କଟକ ଜିଲ୍ଲାର କେଉଁ ବ୍ଲକର କେତୋଟି ନୂତନ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ CDPOଙ୍କ ତରଫରୁ ପ୍ରସ୍ତାବ ରହିଅଛି। ଏହା ଉପରେ ବିଭାଗ ତରଫରୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ବ୍ଲକ୍‌ୱାରୀ ତାଲିକା ଦେବାସହ, (ଖ) କେଉଁ CDPO ଙ୍କ ଅଧୀନରେ କେତୋଟି Worker ଓ Helper ପଦବୀ ଖାଲି ରହିଛି ସେଗୁଡିକ ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କେଉଁଠାରେ Worker/Helper ଅନିୟମିତତା ନେଇ ଅଭିଯୋଗ ଆସିଅଛି, ଉକ୍ତ କେନ୍ଦ୍ରର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## ବିଚାରାଧିନ ଥିବା ଦେୱାନି ଓ ଫଉଜଦାରି ମାମଲା

2427 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଚାର ବ୍ୟବସ୍ଥାରେ ଦ୍ରୁତ ଭାବେ ଅନୁପ୍ରବେଶ କରିଥିବା କେଶ ଗଡାଇବାର "ମୁଲତବୀ ସଂସ୍କୃତି" କୁ ବନ୍ଦ କରିବା ପାଇଁ ସରକାରଙ୍କ ପଦକ୍ଷେପ ସବୁ କ'ଣ ; (ଖ) ଓଡିଶା ହାଇକୋର୍ଟରେ ବିଚାର ଅପେକ୍ଷାରେ କେତେ ସଂଖ୍ୟକ ଦେୱାନି ଓ ଫଉଜଦାରି ମାମଲା ପଡି ରହିଛି ଓ ତନ୍ମଧ୍ୟରୁ 20 ରୁ 30 ବର୍ଷ ଓ ତଦୁର୍ଦ୍ଧ୍ୱ ବର୍ଷରୁ ଗଡି ଆସୁଥିବା ମାମଲା ସଂଖ୍ୟା କେତେ; ସର୍ବ ପୁରାତନ ମାମଲଟି କେଉଁ ବର୍ଷ ଠାରୁ ନିଷ୍ପତ୍ତି ଅପେକ୍ଷାରେ ଅଛି ?

----

## ଅବକାରୀ ଦ୍ୱାରା ରାଜସ୍ୱ ଆଦାୟ

2428 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାରେ ଗତ ୫ ବର୍ଷରେ ବିଭିନ୍ନ ନିଶାଦ୍ରବ୍ୟ ଓ Excise Item କାରବାରରେ କେତେ ରାଜସ୍ୱ ଆଦାୟ ହୋଇଛି ତାର ଏକ ତାଲିକା ପ୍ରଦାନ କରିବେ କି; ଗଞ୍ଜେଇ ଚୋରା ଚାଲାଣ ଦିଗରେ ସରକାର କି କି ପଦକ୍ଷେପ ଗ୍ରହଣ କରି କେତେ ଜଣଙ୍କୁ ଧରି କେଶ ରୁଜୁ ହୋଇଛି ଓ କେତେ ପରିମାଣର ଗଞ୍ଜେଇ ଧରିଛନ୍ତି ?

----

## ଜରାଜୀର୍ଣ୍ଣ ଥିବା ରାସ୍ତାର ପୁନଃ ନିର୍ମାଣ

2429 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତେ କିଲୋମିଟର ଓ କେଉଁ କେଉଁ ରାସ୍ତା ପୂର୍ତ୍ତ ଅଧିନରେ ଅଛି ତନ୍ମଧ୍ୟରୁ କେତେ ରାସ୍ତା ଜରାଜିର୍ଣ୍ଣ ଅବସ୍ଥା ଅଛି ଓ ଏଗୁଡ଼ିକ କେବେ ସୁଦ୍ଧା ପୁନଃନିର୍ମାଣ କରିବେ; ବିଗତ ୩ ଆର୍ଥିକ ବର୍ଷରେ କେତେ କିଲୋମିଟର ଓ କେଉଁ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଛି ?

----

## Railway over bridge ପାଇଁ ଜମି ଅଧିଗ୍ରହଣ

2430 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela-Birsa Road ମଧ୍ୟରେ ଥିବା କୁକୁଡ଼ା ଗେଟ ଠାରେ ନିର୍ମାଣାଧୀନ ଥିବା Railway over bridge (L.C. No.207) ଜମି ଅଧିଗ୍ରହଣ ନ ହୋଇ compensation ନଦେଇ Tender ଡା଼କିବା ତଥା କାର୍ଯ୍ୟ ଆରମ୍ଭ କରିବା କେଉଁ ନିୟମ ଅନୁସାରେ ହେଉଛି ?

----

## ରାସ୍ତା ପୁନଃ ନିର୍ମାଣ

2431 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତେ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଏହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ଏଥି ସହ ରାୟଗଡା ଜିଲ୍ଲାପାଳଙ୍କ ନିର୍ମାଣ ବିଭାଗକୁ ନେଇ କରାଯାଇଥିବା ସର୍ବଶେଷ ସମୀକ୍ଷା ବୈଠକର ବିଭାଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

## ଛତୁଆ ପ୍ରସ୍ତୁତିର ମାର୍ଗଦର୍ଶିକା

**2432 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେଉଁ କେଉଁ SHG ଓ ସଂସ୍ଥାକୁ ଛତୁଆ ପ୍ରସ୍ତୁତ ଓ ବିତରଣ ପାଇଁ ଦେଇଛନ୍ତି, ଛତୁଆ ପ୍ରସ୍ତୁତ କରିବା ପାଇଁ ପ୍ରତି ବ୍ଲକରେ ମାର୍ଗଦର୍ଶିକା ଅନୁସାରେ କେତୋଟି SHG ଓ ସଂସ୍ଥାକୁ ରହିବା କଥା, ବଣ୍ଟନ ପାଇଁ କ'ଣ ସବୁ ମାର୍ଗଦର୍ଶିକା, ନିୟମାବଳୀ, ସର୍ତ୍ତାବଳୀ ସବୁ ରହିଛି ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ରାୟଗଡା ଜିଲ୍ଲାପାଳଙ୍କ ମହିଳା ଓ ଶିଶୁ ବିକାଶ ବିଭାଗକୁ ନେଇ କରାଯାଇଥିବା ସର୍ବଶେଷ ସମୀକ୍ଷା ବୈଠକର ବିଭାଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

## ଛତୁଆର ମାନ ବୃଦ୍ଧି ପାଇଁ ପଦକ୍ଷେପ

**2433 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାର ୫ଟି ପୌରାଞ୍ଚଳ ଓ ୧୨ ଟି ବ୍ଲକର କେଉଁ କେଉଁ S.H.G ଓ ସଂସ୍ଥାକୁ ଛତୁଆ ପ୍ରସ୍ତୁତ ଓ ବିତରଣ ପାଇଁ କାର୍ଯ୍ୟ ଦିଆଯାଇଛି ଏବଂ ତାହା ଜିଲ୍ଲାର କେତେଜଣ ଗର୍ଭବତୀ ଓ ପ୍ରସୂତି ଏବଂ ଶିଶୁ ମାନଙ୍କୁ ବିତରଣ କରାଯାଉଛି ତାହାର ଏକ ବିବରଣୀ ପୌରାଞ୍ଚଳ ଓ ବ୍ଲକ ୱାରୀ ପ୍ରଦାନ କରିବେ କି ; ଛତୁଆ ପ୍ରସ୍ତୁତ କରିବା ପାଇଁ ଥିବା ମାର୍ଗଦର୍ଶିକା ଅନୁସାରେ ଏହା ହେଉଛି କି ନାହିଁ ଓ ପ୍ରକୃତ ପକ୍ଷେ ସେହି ଛତୁଆ ବ୍ୟବହାର ଯୋଗ୍ୟ କି ନାହିଁ ତାହାର ମାନ ଏବଂ ଓଜନ ଯାଞ୍ଚ କରିବା ନିମନ୍ତେ ସରକାର କିଛି ନୂତନ ବ୍ୟବସ୍ଥା ଗ୍ରହଣ କରିବେ କି?

----

## ସୁଭଦ୍ରା ଯୋଜନା ଅର୍ଥ ପାଇବାକୁ ବାକିଥିବା ହିତାଧିକାରୀ

**2434 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର ରାଜ୍ୟରେ ମହିଳାମାନଙ୍କ ପାଇଁ ଆରମ୍ଭ କରିଥିବା ସୁଭଦ୍ରା ଯୋଜନାରେ ବାଲେଶ୍ୱର ଜିଲ୍ଲାର କେତେଜଣ ମହିଳା ଏଥିପାଇଁ ଆବେଦନ କରିଥିଲେ ସେଥି ମଧ୍ୟରୁ କେତେଜଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଓ ଆଜି ପର୍ଯ୍ୟନ୍ତ କେତେଜଣ ମହିଳା ପାଇସାରିଲେଣି ଏବଂ ଆଉ କେତେଜଣ ପାଇବାକୁ ବାକି ଅଛନ୍ତି ତାହାର ଏକ ବ୍ଲକ ଓ ପୌରାଞ୍ଚଳ ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଛତୁଆର ମାନବୃଦ୍ଧି ନିମନ୍ତେ ପଦକ୍ଷେପ

2435 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଛତୁଆର ଗୁଣବତ୍ତା ବୃଦ୍ଧି ନିମନ୍ତେ କି ପଦକ୍ଷେପ ନିଆଯାଇଛି?

----

## ପର୍ଯ୍ୟଟନର ବିକାଶ

2436 **Shri Gouri Shankar Majhi (Nabarangapur):**

Will the Minister for **Deputy Chief Minister** be pleased to state that:-:- ନବରଙ୍ଗପୁର ଇନ୍ଦ୍ରାବତୀ dam ଏବଂ ନବରଙ୍ଗପୁରର ସହର ମଧ୍ୟ ରେ ଥିବା ହିର୍ଲୀ ଡଙ୍ଗରୀ ପାହାଡ଼ରେ ପର୍ଯ୍ୟଟନର ବିକାଶ ନିମନ୍ତେ କି ପଦକ୍ଷେପ ନିଆଯାଇଅଛି ?

----

## ପାଣି ପାଇପ ବିଛାଇବା ଦ୍ୱାରା ରାସ୍ତା ନଷ୍ଟ

2437 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମେଗା ପାନୀୟ ଜଳ ଯୋଜନାରେ ପାଇପ୍ ବିଛାଇ ରାସ୍ତା ଘାଟ ଖୋଳି ନଷ୍ଟ ହେଉଥିବା , ଘଟଣା ସାମ୍ନାକୁ ଆସିଅଛି, ପୂର୍ବର ଗ୍ରାମ ପଞ୍ଚାୟତରେ ତିଆରି ହୋଇଥିବା c.c ରୋଡ ଖୋଳି, ଖାଲ ଖମା ସୃଷ୍ଟି ହୋଇ ଗମନାଗମନରେ ବାଧା ଉପୁଜୁଛି, ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତା ଘାଟର ମରାମତି ପାଇଁ କ'ଣ ପଦକ୍ଷେପମାନ ନିଆଯାଉଛି ?

----

## ସ୍ୱୟଂ ସହାୟଗୋଷ୍ଠୀଙ୍କୁ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ

2438 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ମିଶନଶକ୍ତି ଆରମ୍ଭ ଠାରୁ ଅଦ୍ୟାବଧି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କେଉଁ ଯୋଜନାରେ କେତେ ଟଙ୍କାର ଋଣ ପ୍ରଦାନ କରାଯାଇଛି, ଏହାଦ୍ୱାରା ରାଜ୍ୟର କେତେ ଏସ୍ଏଚଜି ଗ୍ରୁପ ଉପକୃତ ହୋଇଛନ୍ତି ଜଣାଇବା ସହ, (ଖ) କଟକ ଜିଲ୍ଲାର ବଡ଼ମ୍ବା ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ୍‌ର କେଉଁ ଏସ୍ଏଚଜି ଗ୍ରୁପ୍ ନେଇଥିବା ଋଣର ପରିମାଣ କେତେ ଓ ତାହା କେଉଁ ସ୍କିମ୍‌ରେ ବିନିଯୋଗ କରିଛନ୍ତି ତାହାର ବ୍ଲକଓ୍ୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏବଂ ତନ୍ମଧ୍ୟରୁ କେତୋଟି ଗ୍ରୁପ୍ ସବ୍‌ସିଡି ଆକାରରେ କେତେ ଅର୍ଥ ପାଇଛନ୍ତି ତାର ଏକ ତାଲିକା ଦେବା ସହ ଆଗାମୀ ଦିନରେ ଏସ୍ଏଚଜି ମା' ମାନଙ୍କର ଆର୍ଥିକ ଉନ୍ନତି ପାଇଁ କି କି ପଦକ୍ଷେପ ନେଉଛନ୍ତି ?

----

## ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ

**2439 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ମହୋଦଧି ସହ ଚିଲିକା ଚନ୍ଦ୍ରଭାଗା, କାକଟପୁର, ସତ୍ୟବାଦୀ, ଅଞ୍ଚଳକୁ ନେଇ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ରାସ୍ତା ହସ୍ତାନ୍ତର

**2440 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ଚିଠି ନଂ-୨୧୪୯୮, Dated 14 .8. 2018 ଦ୍ୱାରା DLECରେ Approved ହୋଇ ସରକାରଙ୍କ ନିକଟକୁ ଯାଇଥିବା ରାସ୍ତାଗୁଡ଼ିକ କେବେ ପୂର୍ତ୍ତବିଭାଗକୁ ହସ୍ତାନ୍ତର ହୋଇ କାର୍ଯ୍ୟକାରୀ ହେବ ?

----

## ଖାଲିଥିବା ସରକାରୀ ଯନ୍ତ୍ରୀ ପଦବୀ ପୂରଣ

**2441 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପୂର୍ତ୍ତବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ବିଗତ ସରକାର ଏହି ୨ ବିଭାଗରେ ଯନ୍ତ୍ରୀ ଏବଂ ପଦବୀ ଗୁଡ଼ିକର Restructure କରିଥିଲେ, ତଦନୁସାରେ ଖାଲି ପଡ଼ିଥିବା ପ୍ରାୟ ୩୦୦ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପଦୋନ୍ନତି (Promotion) ଭିତ୍ତିରେ ପୂରଣ ହେବା ପାଇଁ ଗତ ୪ ସେପ୍ଟେମ୍ବର ୨୦୨୪ରେ DPC ସରିଗଲେ ମଧ୍ୟ ତା'ର ଫଳାଫଳ କେଉଁ କାରଣ ପାଇଁ ପ୍ରକାଶ ପାଉନାହିଁ ତା'ର କାରଣ କ'ଣ ଜଣାଇବା ସହ ଖାଲିଥିବା ସେହି ପଦବୀ ଗୁଡ଼ିକୁ ପୂରଣ ପାଇଁ ବିଭାଗ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ରାସ୍ତା ପାର୍ଶ୍ୱରେ Amenity Center ଖୋଲିବା

**2442 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲାର ମଣିଜଙ୍ଗା ଭାୟା ଏରସମା ଦେଇ ଯାଇଥିବା ଓ ପାରାଦ୍ୱୀପ ବନ୍ଦର ଓ ଶିଆଳି ପର୍ଯ୍ୟଟନସ୍ଥଳୀକୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଯାତାୟତ କରୁଅଛନ୍ତି ତେଣୁ ଏହି ରାସ୍ତା ପାର୍ଶ୍ୱରେ ଏକ amenity center ଖୋଲାଯିବା ପାଇଁ ଜନସାଧାରଣ ଦାବୀ କରୁଥିବାରୁ ଏହାକୁ କେବେ ଖୋଲାଯିବ ?

----

## ପୁଷ୍ଟିକର ଖାଦ୍ୟ ଯୋଗାଣ

2443 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ରାଜ୍ୟର କେଉଁ ଜିଲ୍ଲାକୁ କେତେ ପୁଷ୍ଟିକର ଖାଦ୍ୟ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ?

----

## ସୁଭଦ୍ରା ଯୋଜନା ଟଙ୍କା ମିଳିବା

2444 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁ ଜିଲ୍ଲାରୁ କେତେ ସଂଖ୍ୟକ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି, ସେଥିରୁ କେତେ ଜଣ ସୁଭଦ୍ରା ଯୋଜନାରେ ଟଙ୍କା ପାଇଛନ୍ତି, ଅବଶିଷ୍ଟ କେତେ ସେଥିରୁ କେଉଁ କାରଣରୁ ଟଙ୍କା ପାଇବାରୁ ବଞ୍ଚିତ ହେଲେ, ସେମାନଙ୍କ ମଧ୍ୟରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର କେତେ ମହିଳା ଟଙ୍କା ପାଇଛନ୍ତି ଓ କେତେ ଜଣ ମହିଳା ଆବେଦନ କରି ଟଙ୍କା ପାଇନାହାଁନ୍ତି, ତାହାର ଏକ ଜିଲ୍ଲାୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଖାଲିଥିବା SE / EE ଓ AEE ପଦବୀ ପୂରଣ

2445 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନିର୍ମାଣ ବିଭାଗରେ କେତୋଟି SE / EE ଓ AEE ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି, ସେଥି ମଧ୍ୟରୁ କେଉଁ ବର୍ଗର କେତୋଟି ପଦବୀ ଖାଲି ପଡିଛି, ଖାଲି ପଡିଥିବା ପଦବୀ ପାଇଁ DPCହୋଇଥିବା ସତ୍ତ୍ୱେ କୌଣସି ପ୍ରୋମୋସନାଲ ପୋଷ୍ଟ fill up କରାଯାଉ ନଥିବାର କାରଣ କଣ, ଏହାର ତଥ୍ୟ ପ୍ରଦାନ କରିବେ କି ?

----

## ସରକାରୀ ଯନ୍ତ୍ରୀଙ୍କୁ ପଦୋନ୍ନତି

2446 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପୂର୍ତ୍ତ ବିଭାଗ ଅଧିନରେ ସରକାରୀ ଯନ୍ତ୍ରୀରୁ ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ପଦୋନ୍ନତି ନିମନ୍ତେ ବିଭାଗ ତରଫରୁ ଗତ ତା. ୦୪.୦୯.୨୦୨୪ ମଧ୍ୟ DPC ବୈଠକ ବସିଥିଲା, ଏହି ବୈଠକରେ କେତେ ଜଣ ପଦୋନ୍ନତି ହୋଇଛି ଓ କଣ ନିଷ୍ପତ୍ତି ହୋଇଥିଲା ତାହାର ତଥ୍ୟ ପ୍ରଦାନ କରିବେ କି, DPC ସତ୍ତ୍ୱେ ସହକାରୀ ଯନ୍ତ୍ରୀଙ୍କ ପଦୋନ୍ନତିରେ ଅହେତୁକ ବିଳମ୍ବର କାରଣ କଣ ?

----

## ବୈଷୟିକ ଜ୍ଞାନ କୌଶଳ ଅଧିକାରୀ ନିଯୁକ୍ତି ଦେବା

2447 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପୂର୍ତ୍ତ ବିଭାଗରେ ପ୍ରମୁଖ ଶାସନ ସଚିବ ପଦବୀରେ ବୈଷୟିକ ଜ୍ଞାନ ଅଭିଜ୍ଞ ସମ୍ପନ୍ନ ଅଧିକାରୀ ନଥିବାରୁ ଅନେକ ସମୟରେ ତ୍ରୁଟି ବିଚ୍ୟୁତି ହେଉଥିବା ଘଟଣା ସତ୍ୟ କି, ବିଭାଗରେ ପରିଚାଳନା ଦାୟିତ୍ୱ ନିମନ୍ତେ ଜଣେ TECHNICAL PERSON ଙ୍କୁ ପ୍ରମୁଖ ଶାସନ ସଚିବ ଦାୟିତ୍ୱ ଦେବେ କି, ରାଜ୍ୟର କେଉଁ କେଉଁ ଡିଭିଜନ, ସବ ଡିଭିଜନ ଓ ସକସେନ ଏବଂ ସର୍କିଲରେ କେତେ ଜଣ AE, AEE, SE ଓ CCE ଏକାଧିକ ଦାୟିତ୍ୱରେ ରହି ଦାୟିତ୍ୱ ତୁଲାଉଛନ୍ତି, ଏହାର ଏକ ତାଲିକା ପ୍ରଦାନ କରିବେ କି ?

----

**ଉତ୍ତମ ମାନର ରାସ୍ତା ଓ Over Bridge ପାଇଁ DPR ପ୍ରସ୍ତୁତ**

**2448 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ସମସ୍ତ ରାସ୍ତା ମରାମତି ଗତ ଦଶହରା ପୂର୍ବରୁ ସାରିବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେହି ଅନୁସାରେ କେତେ କିମି ରାସ୍ତା ମରାମତି ହେଲା, କେତେ ଟଙ୍କା ଖର୍ଚ୍ଚ ହେଲା ଜିଲ୍ଲାୱାରୀ ରିପୋର୍ଟ ଦେବେ କି, ସେହିପରି ବିଭିନ୍ନ ବଡ ବଡ ରାସ୍ତା ଓ ପୋଲ ନିର୍ମାଣରେ ବାରମ୍ବାର ଡିଭିଜନ ବଦଳାଇବା ଦ୍ୱାରା ଅଧିକ ଖର୍ଚ୍ଚ ହେଉଥିବାରୁ ଓ ବିଭିନ୍ନ ବଡ ବଡ Building ନିର୍ମାଣରେ ଧାର୍ଯ୍ୟ ସମୟ ଠାରୁ ବହୁ ବିଳମ୍ବରେ ନିର୍ମାଣ ସରୁଥିବାରୁ ଜାଣିଶୁଣି ପକେଟ ଗରମ ପାଇଁ ଯନ୍ତ୍ରୀ ଠିକାଦାର ମିଶି କାର୍ଯ୍ୟ କରୁଥିବା କଥା ସରକାର ଅନୁଧ୍ୟାନ କରିବେ କି, ଉତ୍ତମ ମାନର ରାସ୍ତା Over Bridge ଓ Building ପାଇଁ DPR ପ୍ରସ୍ତୁତି, ମୂଳଦୁଆ ପ୍ରସ୍ତୁତି, ଭୂକମ୍ପ ବିରୋଧି ନକ୍ସା ପ୍ରସ୍ତୁତି ଅତ୍ୟାଧୁନିକ ଜ୍ଞାନକୌଶଳ, ଅଭିଜ୍ଞତାକୁ କାମରେ ଲଗାଇ ଓଡିଆ ଠିକାଦାରଙ୍କୁ କାମ ଦେବେ କି ?

----

**Fly Over ନିର୍ମାଣ**

**2449 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ବିହାର ଛକ ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ୧୫ କି.ମି. ରାସ୍ତାକୁ ଟ୍ରାଫିକ ସମସ୍ୟା ମୁକ୍ତ କରିବା ପାଇଁ ସରକାର ୨୦୨୩ ମସିହାରେ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ, Major Junction ମାନଙ୍କ ମଧ୍ୟରୁ କେତୋଟିରେ Fly Over ନିର୍ମାଣ ସରିଛି ଏବଂ କେତୋଟିର କାମ ଚାଲିଛି, କେତୋଟି ଆରମ୍ଭ ହୋଇନାହିଁ, ସେହି କାର୍ଯ୍ୟ ପାଇଁ କେଉଁ ସଂସ୍ଥା Study Report ତିଆରି କରିଥିଲେ ଏବଂ detailed report ତିଆରି କରାଯାଇଅଛି କି, ଏହି କାର୍ଯ୍ୟ ସମ୍ପାଦନ ପାଇଁ କେତେ ଟଙ୍କା ବ୍ୟୟ ଧାର୍ଯ୍ୟ ମଧ୍ୟରୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ?

----

**ରାଜଧାନୀ ଚତୁପାର୍ଶ୍ୱରେ ରିଂ ରୋଡର ସ୍ଥିତି**

**2450 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ରାଜଧାନୀରେ ୬ ଲେନ ବିଶିଷ୍ଟ ୧୧୧ କି.ମି. ରିଂ ରୋଡ ଚଳିତ ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ସମ୍ପୃକ୍ତ କେନ୍ଦ୍ର ମନ୍ତ୍ରୀ ଘୋଷଣା କରିଥିଲେ, ଏହି ଚତୁଃପାର୍ଶ୍ୱ ରିଂ ରୋଡର ବର୍ତ୍ତମାନ ସ୍ଥିତି କଣ, ଏହା ନିର୍ଦ୍ଧାରିତ ୩୦ ମାସ ମଧ୍ୟରେ ସମାପ୍ତ ହେବ କି, ଭୁବନେଶ୍ୱର ମଧ୍ୟରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଆମ୍ବୁଲାନ୍ସ VIP ଓ VVIP ମାନଙ୍କ ପାଇଁ ମୁଖ୍ୟ ରାସ୍ତା ଗୁଡିକରେ ସ୍ୱତନ୍ତ୍ର / ନିର୍ଦ୍ଦିଷ୍ଟ ଲେନ ରଖା ଯିବାର ଆବଶ୍ୟକତା ରହିଅଛି କି, କେଉଁ କେଉଁ ସ୍ଥାନ ମାନଙ୍କରେ ନୂତନ ଲେନମାନ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି, ସେଥିପାଇଁ କେତେ ଭୂମି ଅଧିଗ୍ରହଣ କରାଯିବାର ଆବଶ୍ୟକତା ରହିଛି, ଏଥିପାଇଁ କେତେ ଭୂମି ଅଧିଗ୍ରହଣ କରାଯିବାର ଆବଶ୍ୟକତା ସହ କେତେ ଟଙ୍କା ଖର୍ଚ୍ଚ ପାଇଁ ଆକଳନ ହୋଇଛି ?

----

## ନକଲି ମଦ ଜବତ

2451 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ସୁନ୍ଦରଗଡ ଜିଲ୍ଲାରେ କେତୋଟି ଠିପି ଖୋଲା ମଦ ଦୋକାନ ଓ ଠିପି ବନ୍ଦ ମଦ ଦୋକାନ ରହିଅଛି ତାର ବ୍ଲକ ଓ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରନ୍ତୁ, ଗତ ୩ ବର୍ଷ ମଧ୍ୟରେ କେତୋଟି ମଦ ଦୋକାନରୁ ନକଲି ମଦ ଜବତ କରାଯାଇ ଅଛି ଓ ଉକ୍ତ ମଦ ବେପାରୀଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ?

----

## ମଦ ବନ୍ଦ କରିବା ନିମନ୍ତେ ବ୍ୟବସ୍ଥା

2452 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ବିଗତ ୫ ବର୍ଷରେ "ମଦ" ଯୋଗୁଁ କେତୋଟି ପରିବାର ଛାରକାର ହୋଇଅଛି, ତାର ତଥ୍ୟ ସରକାରଙ୍କ ପାଖରେ ଅଛି କି, ଯଦି ହଁ ଜିଲ୍ଲାୱାରୀ ତାର ତାଲିକା ପ୍ରକାଶ କରିବେ କି, ତତ ସହିତ ବିଶାକ୍ତ ମଦ୍ୟ ପାନ କରି ଅଧିନରେ କେତୋଟି ଜୀବନ ନଷ୍ଟ ହୋଇଅଛି ଓ ମଦ୍ୟ ପାନ କରି ରାଜ୍ୟରେ କେତେ ଦୃଘଟଣା ଘଟିଛି ତାର ପୃଥକ ପୃଥକ ଭାବେ ଏକ ଜିଲ୍ଲାୱାରୀ ତାଲିକା ପ୍ରକାଶ କରିବେ କି ଏବଂ ରାଜ୍ୟରେ ମଦ ବନ୍ଦ କରାଯିବା ନିମନ୍ତେ ସରକାର କିଛି ବ୍ୟବସ୍ଥା କରୁଛନ୍ତି କି, ଯଦି ହଁ ତେବେ ତାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ମଦଭାଟି ଖୋଲିବା ପାଇଁ ମାନଦଣ୍ଡ

2453 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଆଦିବାସୀ ଦିଲ୍ଲୀ ମୟୁରଭଞ୍ଜ ରେ ଗୋଟେଏ ମଦ ଭାଟି ଖୋଲିବା ପାଇଁ କଣ କଣ ମାନ ଦଣ୍ଡ ଅଛି କେଉଁ ମାନ ଦଣ୍ଡ ଆଧାରରେ License ଦିଆଯାଇଛି PESA ଜିଲ୍ଲା ହାସାବରେ ଆଇନକୁ ଉଲ୍ଲଘଂନ କରୁନାହିଁ କି ?

----

## ପ୍ରତି ବ୍ଲକରେ Working Women Hostel ନିର୍ମାଣ

2454 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରତି ବ୍ଲକ ର କାର୍ଯ୍ୟାଳୟ ପାର୍ଶ୍ୱରେ Working Women Hostel ନିର୍ମାଣ କରିବା ପାଇଁ ଯୋଜନା ଅଛିକି ଯଦି ନାହିଁ ତାହାହେଲେ DMF | OMBADC ପାଣ୍ଠି ରୁ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେକି?

----

## ଅପପୃଷ୍ଟି ଶିକାର ଶିଶୁସେବାରୁ ବଞ୍ଚିତ

2455 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମୟୁରଭଞ୍ଜ ଜିଲ୍ଲା ର OMBADC ଯୋଜନା ଅନ୍ତର୍ଗତ ଅପପୃଷ୍ଠ ଶୀକାର ହୋଇଥିବା ୬ ମାସରୁ ୩ ବର୍ଷ ଶିଶୁଙ୍କର ନିମିତ୍ତ ଶିଶୁ ପ୍ରଯତ୍ନ କେନ୍ଦ୍ର କାର୍ଯ୍ୟକାରୀ ହେଉ ଅଛି : ବାଙ୍ଗରିପୋଷୀ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଗତ ୩ଟି ବ୍ଲକ ରେ କେଉଁ NGO ବା ସଂସ୍ଥା କୁ କାର୍ଯ୍ୟଭାର ଦିଆଯିଛି ? କାର୍ଯ୍ୟାଦେଶ ପାଇବାର 1 ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇପାରିନାହିଁ ଯାହାଫଳରେ ଅପପୃଷ୍ଟି ଶୀକାର ଶିଶୁମାନେ ସେବାରୁ ବଞ୍ଚିତ ହେଉଛନ୍ତି, ସେହି NGO ବା ସଂସ୍ଥାଙ୍କ ବିରୁଦ୍ଧରେ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମଙ୍ଗୁଳି ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା

2456 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ମଙ୍ଗୁଳି ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, (ଖ) ବଅଁରପାଳ ଠାରୁ NTPC କଣିହାଁ ପର୍ଯ୍ୟନ୍ତ ନୂତନ 6 lane (Six lane) ରାସ୍ତା ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ତାଳଚେରର ବାଙ୍କଧରା ଛକ ଠାରୁ ବହଲର ଛକ ପର୍ଯ୍ୟନ୍ତ ଏକ ROB ନିର୍ମାଣ କରାଯାଇ ଜନସାଧାରଣଙ୍କ ଯାତାୟତ ଓ କୋଇଲା ପରିବହନ ସମୟରେ ହେଉଥିବା ଦୁର୍ଘଟଣାକୁ ବନ୍ଦ କରିବା ପାଇଁ ବ୍ୟବସ୍ଥା କିରିବେ କି ?

----

## ଅପପୃଷ୍ଟି ଶିଶୁ ମାନଙ୍କର ସ୍ଥାୟୀ ପ୍ରତିକାର

2457 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ମୋଟ କେତେ ଜଣ ଶିଶୁ ଅପପୃଷ୍ଟି (Malnutrition)ର ଶିକାର ହୋଇଥବା ଅଭିଯୋଗ ହୋଇଛି ଏହାର ଜିଲ୍ଲା ୱାରି ଗୋଟିଏ ତାଲିକା ପ୍ରଦାନ କରି ପାରିବେ କି ? (ଖ) ରାଜ୍ୟ ସରକାର ଅପପୃଷ୍ଟି ର ଶିକାର ହେଉଥିବାର ଶିଶୁମାନଙ୍କର ସ୍ଥାୟୀ ପ୍ରତିକାର ପାଇଁ କି କି ପଦେକ୍ଷପ ଗ୍ରହଣ କରିଛନ୍ତି ଏବଂ ତୁରେକେଲା ବ୍ଲକ, ବଙ୍ଗୋମୁଣ୍ଡା ବ୍ଲକ, ମୁରିବାହାଲ ବ୍ଲକ ଏବଂ ସଇଁତଲା ବ୍ଲକ ମୋଟ କେତେ ଜଣ ଶିଶୁ ଅପପୃଷ୍ଟି ର ଶିକାର ହେଇଥିବା ଅଭିଯୋଗ ହେଇଛି ତାହାର ନାମ ସହ ଏକ ତାଲିକା ପ୍ରଦାନ କରିବେ କି ?

----

## ପଧାନପାଲି ଛକ ନିକଟରେ ଫୁଟ ଓଭର ବ୍ରିଜ ନିର୍ମାଣ

2458 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ঃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସମ୍ବଲପୁର – ରାଉରକେଲା ରାଜ୍ୟ ରାଜପଥ ୧୦ର ପଧାନପାଲି ଛକ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବାରୁ ଏଠାରେ ଏକ ଲୌହ ନିର୍ମିତ ଫୁଟ ଓଭର ବ୍ରିଜ ନିର୍ମାଣ ସକାଶେ ୨୦୧୯ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା କିନ୍ତୁ ତାହାକୁ ପରେ ବାତିଲ କରାଗଲା, ପୁଣି ୨୦୨୨ରେ ଟେଣ୍ଡର କରାଗଲେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାନଯିବାର କାରଣ କଣ ଏବଂ ଏହାକୁ କେବେସୁଦ୍ଧା ନିର୍ମାଣ କରାଯିବ?

----

## Over Bridge ଗୁଡିକର ମାନ ପରୀକ୍ଷଣ

2459 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ঃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ପୂର୍ତ୍ତ ବିଭାଗ ଜରିଆରେ ରାଜ୍ୟ ସାରା ସମସ୍ତ ବଡ ବଡ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଏବଂ ତା ମଧ୍ୟରେ ବଡ ବଡ ଅଟ୍ଟାଳିକା ମଧ୍ୟ ପ୍ରସ୍ତୁତ କରାଯାଉଛି ଯଥା ହସ୍ପିଟାଲ ବିଲିଡଂ, Pulic Utility Building ପାଇଁ ଅନେକ ପୁରୀ ନିର୍ବାଚନ ମଣ୍ଡଳୀର ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ Building ଓ ପୁରୀ ବେଳାଭୂମି sterling ପାଖରେ ଥିବା Over Bridge କିନ୍ତୁ ଏଥିରେ ବ୍ୟବହାର କରାଯାଉଥିବା ସାମଗ୍ରୀ ଯଥା- Cement ଏବଂ ଲୁହାଛଡର ମାନ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି, ଉଚ୍ଚମାନର ସାମଗ୍ରୀ ବ୍ୟବହାର କରାଗଲେ ଅଟ୍ଟାଳିକା ଗୁଡିକ ଆହୁରି ମଜବୁତ ହେବ ?

----

## ପ୍ରସ୍ତାବିତ Bye-Pass ରାସ୍ତା ନିର୍ମାଣ

2460 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା)ঃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ମୁକୁନ୍ଦପୁର ପାଟଣା ଗ୍ରାଃପ.ସ୍ଥ ଘଟଗାଁ ମୌଜାର ହାଟ ପଡିଆ ସନ୍ନିକଟ ନୂତନ ବସ ଷ୍ଟାଣ୍ଡ ଠାରୁ ହରିଚନ୍ଦନପୁର ପର୍ଯ୍ୟନ୍ତ ଯିବାକୁ ଥିବା ପ୍ରସ୍ତାବିତ bye- Pass ନୂତନ ରାସ୍ତାର ସର୍ଭେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ନୂତନ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବାର କାରଣ କ'ଣ, ଏବଂ ଏହାର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ କରାଯିବ ଜଣାଇବେ କି?

----

## ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ

2461 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବେଗୁନିଆ ନିର୍ବାଚନ ମଣ୍ଡଳୀର 2ଟି ବ୍ଲକରେ ସର୍ବମୋଟ କେତେଗୋଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଅଛି, ସେଥିମଧ୍ୟରୁ କେଉଁ କେନ୍ଦ୍ର ପାଇଁ ନିଜସ୍ୱ ଗୃହ ଅଛି ଓ କେତେଗୋଟି କେନ୍ଦ୍ର ପାଇଁ ଗୃହ ନିର୍ମାଣ ହୋଇନାହିଁ, ଏହାର ବ୍ଲକୱାରୀ ତଥ୍ୟ ଦେବେ କି, ଯେଉଁ କେନ୍ଦ୍ର ଗୁଡିକରେ ଗୃହ ନିର୍ମାଣ ହୋଇନାହିଁ, କେବେସୁଦ୍ଧା ଗୃହ ଯୋଗାଇଦେବାକୁ ପଦକ୍ଷେପ ନେବେ ?

----

## ରାସ୍ତା ପ୍ରଶସ୍ତିକରଣ

2462 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ଶ୍ରୀ ନୀଳମାଧବ କ୍ଷେତ୍ରକୁ ସଂଯୋଗ କରୁଥିବା ବାଘମାରୀ-କଣ୍ଟିଲୋ, ନୟାଗଡ-କଣ୍ଟିଲୋ, ଗଣିଆ-କଣ୍ଟିଲୋ ୩ ଟି ପର୍ଯ୍ୟଟନ ରାସ୍ତାକୁ 4 ଥାକିଆ ପ୍ରଶସ୍ତିକରଣ ରାସ୍ତା କରିବା ପାଇଁ ପଦକ୍ଷେପ ନେବେ କି ଓ ଏହାପାଇଁ ବ୍ୟୟ ମଞ୍ଜୁର କରାଯିବ କି ?

----

## M.B.K., C.R.P.E.C ମେମ୍ବର ଓ କାର୍ଯ୍ୟକର୍ତ୍ତା ପାଉଣା ଦେବା

2463 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମିଶନ ଶକ୍ତି ବିଭାଗ ତରଫରୁ ନିଯୁକ୍ତି ପାଇଥିବା M.B.K, C.R.P.E.C ମେମ୍ବର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କର ପାଉଣା କେଉଁକେଉଁ ଜିଲ୍ଲାରେ କେଉଁ ମାସ ପର୍ଯ୍ୟନ୍ତ ଦିଆଯାଇ ନାହିଁ ଏବଂ କେବେସୁଦ୍ଧା ଦିଆଯିବାର ସମ୍ଭାବନା ଅଛି ?

----

## ପର୍ଯ୍ୟଟନ ହବ୍ ସୃଷ୍ଟି କରିବାକୁ ପଦକ୍ଷେପ

2464 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗୁଣପୁର ନିର୍ବାଚନମଣ୍ଡଳୀ ର ପ୍ରଶିଦ୍ଧ ଶୈବପୀଠ ମୀନାଝୁଲା ଠାରୁ ଆରମ୍ଭ କରି ପଦ୍ମପୁରର ମଲିକେଶ୍ଵର ଗୁଣପୁର ସେଫାଳି ପାହାଡ ରାମେଶ୍ଵର, ଅଦ୍ୱୈତ ବେଦାନ୍ତ ଆଶ୍ରମ, ପେଙ୍ଗୁଡା ଭୈରବୀ ଠାରୁ ଆରମ୍ଭ କରି ସିମାନ୍ତ ଲିହୁରୀ ର ଗୁପ୍ତ ବୃନ୍ଦାବନ ରେ ଗୋପୀନାଥ ଙ୍କ ଭଳି ଅନେକ ତୀର୍ଥକ୍ଷେତ୍ର ରହିଛି ପଦ୍ମପୁର ର ବଡନାଳ ଡେମ୍, ମାଛଡିଆଁ, ଗଦଗଦା, କାଡାସି ଝୁଲାପୋଲ, ଲିମାମେଡା ର ସାନନଦୀ କୂଳ ଓ ପୁଟାସିଂ ଲାଞ୍ଜିଆ ସୌର ଅଞ୍ଚଳରେ ସେମାନଙ୍କ କାନ୍ଥଚିତ୍ର, ବେଶବୁଣା, ପଥର ହିଡ କରି ଚାଷ ପ୍ରଣାଳୀ ଓ ସୁନ୍ଦର ଝରଣା ରହିଛି ଏସବୁ ସ୍ଥାନର ଉନ୍ନତି କରି ଏକ ପର୍ଯ୍ୟଟନ ହବ୍ ସୃଷ୍ଟି କରିହେବ, ବଂଶଧାରା ନଦୀ ଆର ପାର୍ଶ୍ଵରେ ଥିବା ଲିହୁରୀ ଗୋପୀନାଥଙ୍କ ତୀର୍ଥକ୍ଷେତ୍ର କୁ ଓଡିଶାରୁ ବର୍ଷସାରା ବହୁ ଭକ୍ତ ଯାଇଥାନ୍ତି ସେଠାକୁ ଯିବା ପାଇଁ ଗଜପତି ରାଜା ଏକ ରେଳ ଷ୍ଟେସନ ମଧ୍ୟ କରିଛନ୍ତି କିନ୍ତୁ ବଂଶଧାରା ଉପରେ ପୋଲ ନଥିବା କାରଣରୁ ସେଠାକୁ ଯିବାରେ ଅନ୍ତରାୟ ସୃଷ୍ଟି ହେଉଛି, ଏଣୁ ଲିହୁରୀ ର ବିକାଶ ଓ ବଂଶଧାରା ରେ ପୋଲ ସହ ସେଠାରେ ଶ୍ରଦ୍ଧାଳୁ ମାନେ ରହିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି?

----

## ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟ ବିବରଣୀ

2465 **ଶ୍ରୀ ମାଧବ ଧଡା (ସୋରୋ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୋରୋ ନିର୍ବାଚନ ମଣ୍ଡଳୀ ର ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଯୋଜନା ରେ କେତେ ଜଣ ପ୍ରକଳ୍ପ ଅଧିକାରୀଣୀ ତଥା ସୁପର ଭାଇଜର ମାନେ ଅବସ୍ଥାପିତ ହୋଇ କାର୍ଯ୍ୟରତ ଅଛନ୍ତି ଓ ସେମାନଙ୍କର ଦୈନନ୍ଦିନର କାର୍ଯ୍ୟଧାରା (ଯବଚାର୍ଟ) କ'ଣ ଓ ଅନ୍ୟୁନ୍ୟ ପ୍ରତ୍ୟହ କେତୋଟି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବାର ବ୍ୟବସ୍ଥା ଥିଲାବେଳେ ତାହା ହେଉଛି କି ; କେତେ ଅନିୟମିତତା ଦୃଷ୍ଟିକୁ ଆସିଛି ଯଥା ତାଲିକାନୁସାରେ ଉପସ୍ଥାପନ, ଫିଡିଂ ତଦାରଖ, ପ୍ରି ସ୍କୁଲ ଶିକ୍ଷାଦେବା ପ୍ରତିବର୍ଷ କେତେ ପ୍ରତିଶତ ଅଙ୍ଗନବାଡ଼ିରୁ ଯାଇ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି ଏବଂ କେନ୍ଦ୍ରାଧୀନ କେତେଥର ସ୍ୱାସ୍ଥ୍ୟ ଚେକିଂ କରାଯାଉଛି ମାସରେ କିମ୍ଵା ବର୍ଷରେ ; ଯଦି 'ନାଁ' କାରଣ କ'ଣ ସୋରୋ ଓ ବାହାନଗା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସବିଶେଷ ତଥ୍ୟ ଦେବେ କି ?

----

## ବିଜୁ Express ହାଇୱେ ପାଇଁ ବ୍ୟୟ

2466 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ସୁନ୍ଦରଗଡ ଜିଲ୍ଲା ମଧ୍ୟ ଦେଇ ଯାଇଥିବା (Sambalpur-Rourkela) Biju Expressway ପାଇଁ ସରକାର କେତେ ବ୍ୟୟ ବରାଦ କରିଥିଲେ ଓ ସେଥିରୁ Toll ମାଧ୍ୟମରେ କେତେ ଆୟ ହୋଇସାରିଲାଣି, ଏହି Expressway ରେ ଥିବା Toll Gate ମାନଙ୍କରୁ ବାର୍ଷିକ କେତେ ଟଙ୍କା ଆଦାୟ ହୁଏ ଓ ବିଗତ 5 ବର୍ଷରେ କେତେ ଟଙ୍କା ଆଦାୟ ହୋଇଛି ତା'ର ଏକ ତାଲିକା ଦେବାସହ ଆଉ କେତେ ବର୍ଷ ପର୍ଯ୍ୟନ୍ତ Agreement ହୋଇଥିବା ଅନୁସାରେ Toll ଟିକସ ଆଦାୟ ଜାରି ରହିବ;
(ଖ) ଉପରୋକ୍ତ ରାସ୍ତା ଗୁଡିକର ସ୍ଥିତି ଖରାପ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି 'ହଁ' ତେବେ ଏହାର ମରାମତି ପାଇଁ ସରକାର କି ପଦକ୍ଷେପ ନେବେ ?

----

## ଫଳକର ରଙ୍ଗ ବଦଳାଇବା

2467 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ R&B ବିଭାଗ ତରଫରୁ ନିର୍ମାଣ ହୋଇଥିବା ବିଭିନ୍ନ ରାସ୍ତାର ପ୍ରାୟ ସ୍ଥାନରେ ରାସ୍ତାର ସୂଚନା ଏବଂ ଦୈର୍ଘ୍ୟ ର ସୂଚନା ପାଇଁ ବିଭାଗ ଫଳକ ବା ସାଇନ ବୋର୍ଡ ଲଗାଯାଇଥାଏ, ଏହାର ରଙ୍ଗ ସରକାରଙ୍କ ନିୟମ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ରଙ୍ଗ ର ନିୟମ ଅଛି ନା ଯେ କୌଣସି ରଙ୍ଗ ଲଗାଯାଇ ପାରିବ, ଯଦି କୌଣସି ନିର୍ଦ୍ଦିଷ୍ଟ ରଙ୍ଗ ର ନିୟମ ଅଛି ତେବେ ତାର ବିବରଣୀ ପ୍ରଦାନ କରିବେ କି ?

----

## Court ମାନଙ୍କରେ ନୂତନ Government Advocate/AGA appointment

2468 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭିନ୍ନ ଜିଲ୍ଲାରେ ଥିବା Court ମାନଙ୍କରେ ନୂତନ Government Advocate/AGA, ବିଭିନ୍ନ Court ଓ ଦପ୍ତରରେ Notary appointment କରିବା ପାଇଁ କିଛି ପଦକ୍ଷେପ ନେଇଛନ୍ତି କି ; ଗତ 5 ବର୍ଷ ମଧ୍ୟରେ କେତେ Notary କେଉଁ ଆଧାରରେ ନିୟୋଜିତ ଅଛନ୍ତି?

----

## ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ତାଲିକାଭୁକ୍ତ ଶିଶୁଙ୍କ ସଂଖ୍ୟା

2469 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ କେତେ ଶିଶୁ ତାଲିକାଭୁକ୍ତ ଅଛନ୍ତି ; ଏହି ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟହ ଶିଶୁମାନଙ୍କୁ କି କି ଖାଦ୍ୟ ପରିବେଷଣ କରାଯାଏ ; ଏହି ସବୁ ଖାଦ୍ୟର ମାନ କିଏ ପରୀକ୍ଷଣ କରେ ଏବଂ ନିୟମିତ ଏହି ପରୀକ୍ଷଣ ହୁଏ କି?

----

## Eco Retreat Camp ର ଆୟୋଜନ

2470 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟରେ ପ୍ରକୃତିକୁ ଉପଭୋଗ କରିବା ପାଇଁ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ସ୍ୱଳ୍ପ ବଜେଟରେ Eco Retreat Camps ର ଆୟୋଜନ କରିବାର ଯୋଜନା ଅଛି କି ; ଯଦି ହଁ ତେବେ କେଉଁ କେଉଁ ଜିଲ୍ଲାରେ ଏହା କରିହେବ ଏବଂ କେତେ ମୂଲ୍ୟରେ ଉପଲବ୍ଧ ହେବ ଏବଂ ଏହି ବାବଦରେ କେତେ ଖର୍ଚ୍ଚ ହେବ?

----

## Tourist Jetty ଗୁଡିକର ନବୀକରଣ

2471 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ଅଞ୍ଚଳରେ ସାତପଡା ଠାରୁ ଅରଖକୁଦା ଗ୍ରାମ ମଧ୍ୟରେ ଥିବା Tourist Jetty ଗୁଡିକ ଖରାପ ଅବସ୍ଥାରେ ଥିବା ସରକାରଙ୍କ ନଜରକୁ ଆସିଛି କି ; ଯଦି ହଁ ଏହାର ନବୀକରଣ କରିବା ପାଇଁ ସରକାର ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରିବା ସହ ଏହି ଅଞ୍ଚଳରେ ଶିପକୁଦା ଏବଂ ଆଳୁପାଟଣା ଠାରେ ନୂତନ Tourist Jetty ନିର୍ମାଣ କରିବା ପାଇଁ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ କେବେ ସୁଦ୍ଧା ନେବେ?

----

## ଶ୍ରୀମନ୍ଦିର ଆଲୋକୀକରଣ ନିମନ୍ତେ ହୋଇଥିବା ଅର୍ଥ ବିନିଯୋଗ

2472 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୂର୍ବ ସରକାର ସମୟରେ ଶ୍ରୀମନ୍ଦିର ଆଲୋକୀକରଣ ନିମନ୍ତେ ଯେଉଁ ଅର୍ଥ ବିନିଯୋଗ ହୋଇଥିଲା ଏହାର ପରିମାଣ କେତେ ଓ ଏହି ଟଙ୍କା କେଉଁ agency ମାଧ୍ୟମରେ ଖର୍ଚ୍ଚ ହୋଇଥିଲା?

----

## ଝାରସୁଗୁଡାରେ ସୁଭଦ୍ରା ଯୋଜନା ପାଇଁ ଆବେଦନକାରୀଙ୍କ ସଂଖ୍ୟା

2473 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଝାରସୁଗୁଡା ଜିଲ୍ଲାରେ ସୁଭଦ୍ରା ଯୋଜନାରେ ହିତାଧିକାରୀ ହେବାପାଇଁ ବର୍ତ୍ତମାନ ସୁଦ୍ଧା କେତେ ମହିଳା ଆବେଦନ କରିଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇଛନ୍ତି ; କେତେ ଆବେଦନକାରୀ କେଉଁ କାରଣରୁ ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି ଓ ସେମାନେ ଟଙ୍କା ପାଇବାପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ; ଏହି ସମସ୍ତର ଏକ ବ୍ଲକ ୱାରୀ ତାଲିକା ଦେବା ସହିତ ସମସ୍ତ ଆବେଦନକାରୀଙ୍କୁ କେବେ ସୁଦ୍ଧା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥ ମିଳିବ ?

----

## ମହିଳା ସୟଂ ସହାୟୀକା ଗୋଷ୍ଠୀ ସଂଖ୍ୟା

2474 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୨୦୨୩ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରାଜ୍ୟରେ କେତେ ସଂଖ୍ୟକ ମହିଳା ସୟଂ ସହାୟୀକା ଗୋଷ୍ଠି ଥିଲେ ଓ ସେଥିରେ କେତେ ସଂଖ୍ୟକ ମହିଳା ସଦସ୍ୟା ଥିଲେ ? ୨୦୨୪ ଜାନୁୟାରୀ ରୁ ବର୍ତ୍ତମାନ ସୁଦ୍ଧା କେତୋଟି ନୂଆ ମହିଳା ସୟଂ ସହାୟିକା ଗୋଷ୍ଠି ଗଠନ ହୋଇଛି ଏବଂ ଏଥିରେ କେତେ ସଂଖ୍ୟକ ନୂଆ ମହିଳା ସଦସ୍ୟ ହୋଇଛନ୍ତି ? ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ କେଉଁ ଜିଲ୍ଲାରେ କେତେ ମହିଳା ସୟଂ ସହାୟିକା ଗୋଷ୍ଠି ହ୍ରାସ ପାଇଛି ?

----

## ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକୃତ ଶିଶୁଙ୍କ ସଂଖ୍ୟା

2475 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଝାରସୁଗୁଡା ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ଅଙ୍ଗନବାଡି କାର୍ଯ୍ୟ କରୁଛି ଓ ଏଥିରେ କେତେ ସଂଖ୍ୟକ ଶିଶୁ ପଞ୍ଜିକୃତ ହୋଇଛନ୍ତି, ଏହାର ଏକ ଜିଲ୍ଲା ଓ୍ୱାରୀ ତାଲିକା ଦେବା ସହିତ ମୋଟ୍ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ କେତୋଟି ନିଜସ୍ୱ ଘରେ ଏବଂ କେତୋଟି ଭଡାଘରେ ଚାଲୁଛି ଏବଂ ସମସ୍ତ ଅଙ୍ଗନବାଡି କେନ୍ଦ୍ର ମଧ୍ୟରେ କେତୋଟି କେନ୍ଦ୍ରରେ ବିଦ୍ୟୁତ୍, ପାନୀୟଜଳ ଶୌଚାଳୟ ଆଦିର ବ୍ୟବସ୍ଥା ରହିଛି ତାହା ଜିଲ୍ଲାୱାରୀ ଉଲ୍ଲେଖ କରିବାସହ ଝାରସୁଗୁଡା ଜିଲ୍ଲାର ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେକି ?

----

## ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀର ସଂଖ୍ୟା

2476 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଝାରସୁଗୁଡା ଜିଲ୍ଲାରେ କେତୋଟି ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀ ରହିଛି ଓ ସେଗୁଡିକର ବିକାଶ ପାଇଁ ଗତ ୧୦ବର୍ଷ ମଧ୍ୟରେ ରାଜ୍ୟ ସରକାର କେତେ ଅର୍ଥ ଯୋଗାଇ ଦେଇଛନ୍ତି, ଏହାର ଏକ ପର୍ଯ୍ୟଟନକ୍ଷେତ୍ର ୱାରୀ ଓ ବର୍ଷୱାରୀ ଅର୍ଥ ପ୍ରଦାନ ଓ ବ୍ୟୟର ବିବରଣୀ ପ୍ରଦାନ କରିବେ, ଗତ ୧୦ବର୍ଷ ମଧ୍ୟରେ କେତେ ସଂଖ୍ୟକ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକ ଝାରସୁଗୁଡା ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ଆସିଛନ୍ତି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଜବତ ହୋଇଥିବା ବେଆଇନ ନିଶା ସାମଗ୍ରୀ

2477 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୫ବର୍ଷ ମଧ୍ୟରେ ଝାରସୁଗୁଡା ଜିଲ୍ଲାରୁ କେତେ ସଂଖ୍ୟକ କେଉଁ କେଉଁ ବେଆଇନ୍ ନିଶା ସାମଗ୍ରୀ ଜବତ ହୋଇଛି ? ଏହି ଜବତ ମାମଲାରେ କେତେ ସଂଖ୍ୟକ ଲୋକ ଗିରଫ ହୋଇଛନ୍ତି ଓ କେତେ ଗାଡ଼ିମୋଟର ଜବତ ହୋଇଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ ଏବଂ ଜିଲ୍ଲାରେ ବେଆଇନ୍ ନିଶା କାରବାର ଅଭିଯୋଗରେ ଏହି ସମୟ ମଧ୍ୟରେ କେତେ ମାମଲା ରୁଜୁ ହୋଇଛି କେତେ ସଂଖ୍ୟକ ଲୋକ ଦଣ୍ଡ ପାଇଛନ୍ତି ?

----

## କେନ୍ଦ୍ରାପଡା ବାଇପାସ୍ ନିର୍ମାଣ କାର୍ଯ୍ୟ

2478 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅଞ୍ଚଳରେ ନିର୍ମାଣାଧିନ ବାଇପାସ୍ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଥିବା ସତ୍ୟ କି ; ଯଦି ହଁ, ଏହି ବାଇପାସ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ପର୍ଯ୍ୟଟନ ବିକାଶ ନିମନ୍ତେ ବ୍ୟୟ

**2479** **Shri Ganeswar Behera (Jharsuguda):**

Will the Minister for **Deputy Chief Minister** be pleased to state that:-:- (କ) ରାଜ୍ୟ ସରକାର ବିଗତ 2019-20 ରୁ ଅକ୍ଟୋବର 2024 ସୁଦ୍ଧା ପର୍ଯ୍ୟଟନ କ୍ଷେତ୍ରରେ କେତେ ଅର୍ଥ ପର୍ଯ୍ୟଟନ ବିକାଶ ନିମିତ୍ତ ବ୍ୟୟ କରି କି କି ପ୍ରକଳ୍ପମାନ ନିର୍ମାଣ କରିଛନ୍ତି ; (ଖ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ସ୍ଥଳକୁ ପର୍ଯ୍ୟଟନସ୍ଥଳ ଭାବେ ଚିହ୍ନଟ କରି ଏହାର ବିକାଶ ନିମିତ୍ତ 2019-20 ଠାରୁ ଅକ୍ଟୋବର 2024 ମଧ୍ୟରେ କେତେ କେତେ ଅର୍ଥ କେଉଁ କେଉଁ ପ୍ରକଳ୍ପମାନ ନିର୍ମାଣ କରିଛନ୍ତି କହିବେ କି?

----

## ଦେବୋତ୍ତର ଆଇନ ସଂଶୋଧନ

**2480** **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ମନ୍ଦିର ଓ ମଠମାନଙ୍କର ପରିଚାଳନା ନିମନ୍ତେ କେଉଁ ଆଇନ ପ୍ରଚଳିତ ଅଛି ତାର ଏକ ତଥ୍ୟ ଉପସ୍ଥାପନ କରିବେ କି ; (ଖ) ଏହି ପରିଚାଳନା ପରିଷଦର ଉପଯୁକ୍ତ ପ୍ରତିନିଧିତ୍ୱ ସହ ଅଧିକ ଦକ୍ଷତାର ସହ ପରିଚାଳନା ନିମନ୍ତେ ଦେବୋତ୍ତର ଆଇନ ସଂଶୋଧନ କରିବାକୁ ସରକାର ବିଚାର କରୁଛନ୍ତି କି?

----

## ଜଗନ୍ନାଥ ଜମି ଫେରସ୍ତ

**2481** **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜଗନ୍ନାଥ ମହାପ୍ରଭୁଙ୍କ ଜମି ଫେରସ୍ତ ନିମନ୍ତେ କି କି ପଦକ୍ଷେପ ନିଆଯାଇଛି କହିବେ କି?

----

## ମହିଳାଙ୍କୁ ଆଇନଗତ ସହାୟତା ପ୍ରଦାନ

**2482** **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ କଟକ ଜିଲ୍ଲାର କେତେଜଣ ମହିଳାଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯାଇ ସେ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି?

----

## ଆଡଭୋକେଟ୍ ଲାଇସେନ୍ସ ପାଇଥିବା ପୁରୁଷ ମହିଳାଙ୍କ ବିବରଣୀ

**2483** **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟର କେତେଜଣଙ୍କୁ ବାର କାଉନସିଲ ଅଫ୍ ଇଣ୍ଡିଆ ଓ ବାର କାଉନସିଲ ଅଫ ଓଡିଶା ତରଫରୁ ଅଦ୍ୟାବଧି ଆଡଭୋକେଟ ଲାଇସେନ୍ସ ପ୍ରଦାନ କରାଯାଇଛି ; ତନ୍ମଧ୍ୟରୁ କେତେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ, ସାଧାରଣ ବର୍ଗ (ପୁରୁଷ ଓ ମହିଳା) ୱାରୀ ବିବରଣୀ ପ୍ରଦାନ ସହ ଆଡଭୋକେଟମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି

2484 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ː**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମହିଳା ଓ ଶିଶୁବିକାଶ ବିଭାଗ ଅଧିନରେ କେଉଁ କେଉଁ ଅବସରପ୍ରାପ୍ତ କର୍ମଚାରୀ କେଉଁ ପଦବୀରେ କେତେ ବେତନରେ କେବେଠାରୁ କାର୍ଯ୍ୟ କରୁଛନ୍ତି ତାଙ୍କ ମଧ୍ୟରୁ କେଉଁମାନଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠ, ତାଙ୍କର ଯାତାୟତ ପାଇଁ ବିଭାଗୀୟ ଗାଡି ସୁବିଧା କରାଯାଇଛି ସମସ୍ତ ଅବସରପ୍ରାପ୍ତଙ୍କୁ ଯାତାୟତ ପାଇଁ ସରକାରୀ ଗାଡି ବ୍ୟବସ୍ଥା କରିବାକୁ ସରକାର ବ୍ୟବସ୍ଥା କରିବେ କି?

----

## ଓଡ଼ିଶା ପାନୀୟ ନିଗମର ଲାଭ ବା କ୍ଷତିର ବିବରଣୀ

2485 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ː**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଓଡ଼ିଶା ପାନୀୟ ନିଗମ ବିଗତ ତିନି ବର୍ଷରେ ପ୍ରତିଷ୍ଠାନ ଖର୍ଚ୍ଚ ବାଦଦେଇ କିଏ କେତେ ଲାଭ ବା କ୍ଷତି କରିଛି, ତାହାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ରେଳ ଟିକଟ, ବିମାନ ଟିକଟ ବିକ୍ରୟ ବାବଦରେ ହୋଇଥିବା ଲାଭର ପରିମାଣ

2486 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ː**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ବିଗତ ତିନି ବର୍ଷରେ କେତେ ଟଙ୍କାର ରେଳ ଟିକଟ, ବିମାନ ଟିକଟ ବିକ୍ରୟ ବାବଦରେ କେତେ ଲାଭ କରିଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ

2487 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ମଞ୍ଜୁରୀ ପ୍ରାପ୍ତ କେତେ ପଦବୀ ରହିଛି, ସେଥିମଧ୍ୟରୁ ମହିଳାଙ୍କ ପାଇଁ କେତେ ପଦବୀ ସଂରକ୍ଷିତ ରହିଛି, ବର୍ତ୍ତମାନ ଏହାର ସ୍ଥିତି କଣ, ବିଭାଗ ଅଧିନରେ କେତେ ଜଣ ମହିଳା ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି ?

----

## ପର୍ଯ୍ୟଟନ ସ୍ଥଳିର ବିକାଶ ପାଇଁ ଉନ୍ନୟନକାମ

2488 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୫ ବର୍ଷ ମଧ୍ୟରେ ରାଜ୍ୟର କେଉଁ କେଉଁ ପର୍ଯ୍ୟଟନ ସ୍ଥଳିର ବିକାଶ ପାଇଁ ଉନ୍ନୟନ କାମ ହାତକୁ ନିଆଯାଇଥିଲା, ୨୦୧୯ ରୁ ୨୦୨୪ ମସିହା ମଧ୍ୟରେ କେଉଁ କେଉଁ ପର୍ଯ୍ୟଟନ ସ୍ଥଳିର ବିକାଶ କରାଯାଇଛି, ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ଲାଇସେନ୍ସ ପାଇଥିବା ମଦ ଦୋକାନର ସଂଖ୍ୟା

2489 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସର୍ବମୋଟ କେତୋଟି ମଦ ଦୋକାନକୁ ମଦ ବିକ୍ରୀ ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି, ନକଲି ମଦ ବିକ୍ରୀ କାରବାର ଉପରେ ରୋକ ଲଗାଇବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଜବତ ହୋଇଥିବା ଗଞ୍ଜେଇ ଚୋରାଚାଲାଣର ପରିମାଣ

2490 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୫ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାରୁ କେତେ ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ କରାଯାଇଥିଲା, ଏହାର ପରିମାଣ କେତେ ବର୍ତ୍ତମାନ ଏହାର ସ୍ଥିତି କ'ଣ, ବେଆଇନ ଗଞ୍ଜେଇ ଚାଷକୁ ରୋକ ଲଗାଇବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ସୁଭଦ୍ରା ଯୋଜନାରେ ଆବେଦନକାରୀଙ୍କ ସଂଖ୍ୟା

2491 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା କେତେ ଯୋଗ୍ୟ ଅଧିକାରୀ ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅକ୍ଟୋବର ୨୦୨୪ ସୁଦ୍ଧା କେତେ ଜଣ ମହିଳା ଯୋଜନାରୁ ଉପକୃତ ହୋଇଛନ୍ତି, ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି କେବେ ସୁଦ୍ଧା ଶେଷ ହେବ ?

----

## କେସ ପାଇଁ ହୋଇଥିବା ଖର୍ଚ୍ଚ

2492 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁପ୍ରିମକୋର୍ଟରେ ବର୍ତ୍ତମାନ ରାଜ୍ୟର କେତୋଟି କେସ୍ ବିଚାରଧିନ ରହିଛି ଓ ତନ୍ମଧ୍ୟରୁ ରାଜ୍ୟ ସରକାର କେତୋଟିରେ ପକ୍ଷ ଭୁକ୍ତ ଅଛନ୍ତି ଓ ଉକ୍ତ କେସ୍ ଗୁଡ଼ିକର ପରିଚାଳନାରେ ଗତ ବର୍ଷ ଓ ଚଳିତ ବର୍ଷର ଏପର୍ଯ୍ୟନ୍ତ ସରକାରଙ୍କ କେତେ ଟଙ୍କା କିଭଳି ଭାବେ ଖର୍ଚ୍ଚ ହେଲାଣି ?

----

## ପାନୀୟ ନିଗମର ବିକ୍ରି ଓ ଲାଭକ୍ଷତିର ପରିମାଣ

2493 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ପାନୀୟ ନିଗମ ଗଠିତ ହେବା ଦିନଠାରୁ ଏଯାଏଁ ପ୍ରତି ବର୍ଷ ଏହାର ବିକ୍ରି ଓ ଲାଭକ୍ଷତି କେତେ ହୋଇଛି ଏବଂ ନିଗମ ଲାଭାଂଶ ଆକାରରେ ରାଜ୍ୟ ସରକାରଙ୍କୁ କେତେ ଅର୍ଥ ଦେଇଛି, ନିଗମରେ କେତେ ଜଣ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ କାମ କରୁଛନ୍ତି ଓ ସେମାନଙ୍କୁ କି କି ପ୍ରକାର ସୁବିଧା ଦିଆଯାଉଅଛି ଏବଂ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ସକାଶେ କି ପଦକ୍ଷେପ ନିଆଯାଉଅଛି ?

----

## Advocate ମାନଙ୍କ ପାଇଁ ସୁବିଧା

2494 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା High Court ଥିବା Cuttack ସହର ସମେତ ରାଜଧାନୀ ଭୁବନେଶ୍ୱର ଜିଲ୍ଲା ଓ Sub-division ତହସିଲ, ବ୍ଲକ୍ ମହକୁମାରେ କାମ କରୁଥିବା Advocate ମାନଙ୍କ ସକାଶେ ରିହାତି ଦରରେ ବାସପୋଯୋଗୀ ପ୍ଲଟ୍ (plot) ବା ବାସଗୃହ ଯୋଗାଣ ଅଥବା କମ୍ ସୁଧରେ କାର ତିଆରି ଋଣ ପ୍ରଦାନ, pension, ଚିକିତ୍ସା ପାଇଁ ସାହାଯ୍ୟ ଓ ଅନ୍ୟାନ୍ୟ କଲ୍ୟାଣମୂଳକ କୌଣସି ଯୋଜନା ସରକାରଙ୍କ ବିଚାରରେ ରହିଛି କି ବା ଏଦିଗରେ ସରକାର ପଦକ୍ଷେପ ନେବେ କି, ଏବଂ ଉତ୍ତର ହଁ ହୋଇଥିଲେ ଏସମ୍ପର୍କରେ ସବିଶେଷ ତଥ୍ୟ ଦେବେ କି, ଏବେ Advocate ମାନଙ୍କ ପାଇଁ କି ପ୍ରକାର ସୁବିଧା ରହିଛି ଓ କେତେ ଜଣକୁ କି ସୁବିଧା ଦିଆଯାଇଅଛି ?

----

## ପର୍ଯ୍ୟଟନ ଉନ୍ନୟନ ନିଗମର ବାର୍ଷିକ ଆୟବ୍ୟୟର ପରିମାଣ

2495 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମର ବାର୍ଷିକ ଆୟବ୍ୟୟ ଓ ଲାଭକ୍ଷତି ଗତ ୫ ବର୍ଷରେ କେତେ ହୋଇଛି ଓ ଏବର୍ଷ କେତେ ହେବ ବୋଲି ଆଶା କରାଯାଉଅଛି, ନିଗମର ମୋଟ କେତୋଟି ପାନ୍ଥ ନିବାସ ଓ ଅନ୍ୟାନ୍ୟ Unit ଅଛି ଓ ସେସବୁ କେଉଁ ଗୁଡ଼ିକ ଲାଭରେ ଚାଲୁଛି ଓ କେଉଁ ଗୁଡ଼ିକ କେଉଁ କାରଣରୁ କ୍ଷତିରେ ଚାଲୁଛି, ନିଗମ ଆଉ କେତୋଟି unit ପ୍ରତିଷ୍ଠା କରିବାର ପ୍ରସ୍ତାବ ରହିଛି ?

----

## ମଠ, ମନ୍ଦିର ଓ ଅନ୍ୟାନ୍ୟ ଧର୍ମ ଅନୁଷ୍ଠାନର ସଂଖ୍ୟା

2496 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତ୍ତମାନ କେତୋଟି ମଠ, ମନ୍ଦିର ଓ ଅନ୍ୟାନ୍ୟ ଧର୍ମ ଅନୁଷ୍ଠାନ ରହିଛି, ତନ୍ମଧ୍ୟରୁ ଐତିଯୁକ୍ତ କେତୋଟି ଧର୍ମାନୁଷ୍ଠାନରେ ରକ୍ଷଣା ଓ ବେକ୍ଷଣ (ASI) ସଂସ୍ଥା କେବେଠାରୁ କରୁଛନ୍ତି, ରାଜ୍ୟ ସରକାର ମଠ, ମନ୍ଦିର ଓ ଧର୍ମ ଅନୁଷ୍ଠାନରେ ବିକାଶ ପାଇଁ କଣ କରୁଛନ୍ତି ଓ କେଉଁ କେଉଁ କ୍ଷେତ୍ରର ଉନ୍ନତିକରଣ ସକାଶେ କେତେ ଟଙ୍କା ଖର୍ଚ୍ଚରେ କି କି ଯୋଜନା କାର୍ଯ୍ୟକାରୀ ହୋଇଛି ?

----

## ଆବଶ୍ୟକତା ଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ସଂଖ୍ୟା

2497 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦେବଗଡ ଜିଲ୍ଲାର R&B ଜିଲ୍ଲା କାର୍ଯ୍ୟାଳୟ ଏବଂ ତିନିଗୋଟି ଡିଭିଜନ କାର୍ଯ୍ୟାଳୟ ଅଧୀନରେ କେତେ ଜଣ ଅଧିକାରୀ ଏବଂ କର୍ମଚାରି ରହିବାର ଆବଶ୍ୟକତା ଅଛି ଏବଂ ବର୍ତ୍ତମାନ କେତେ ଜଣ ଅଛନ୍ତି ତାର ସଂପୂର୍ଣ ବିବରଣୀ ପ୍ରଦାନ କରିବେକି, ଏବଂ ଖାଲି ଥିବା ପଦବୀ କେବେ ସୁଦ୍ଧା ପୂରଣ କରିବେ ପ୍ରକାଶ କରିବେ କି ?

----

## ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ସମସ୍ତ ବ୍ୟବସ୍ଥା ପାଇଁ ପଦକ୍ଷେପ

2498 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦେବଗଡ ଜିଲ୍ଲାରେ କାର୍ଯ୍ୟରତ ଅଙ୍ଗନବାଡି କେନ୍ଦ୍ର ମାନଙ୍କ ମଧ୍ୟରୁ କେଉଁ କେଉଁ କେନ୍ଦ୍ରରେ 1- ପାନୀୟ ଜଳ ପାଇପ ଟେପ ମାଧ୍ୟମରେ ସଂଯୋଗ ସହ ଅଛି, 2- କେଉଁ କେଉଁ କେନ୍ଦ୍ରରେ ସୌଚାଳୟ ପାଇପ ପାଣି ସଂଯୋଗ ସହ ଅଛି, 3- କେଉଁ କେଉଁ କେନ୍ଦ୍ରରେ ବାଉଣ୍ଡ୍ରିୱାଲର ବ୍ୟବସ୍ଥା ଅଛି , ସବିଶେଷ ବିବରଣୀ ପ୍ରଦାନ କରିବେ କି, ଯେଉଁ ସବୁ କେନ୍ଦ୍ରରେ ଏହି ସମସ୍ତ ବ୍ୟବସ୍ଥା ନାହିଁ କେବେସୁଦ୍ଧା ତାହା ନିର୍ମାଣ ହେବ କହିବେ କି?

----

## ଦେବଗଡ ଜିଲ୍ଲାରେ ପର୍ଯ୍ୟଟନର ଉନ୍ନତି

2499 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ପାହାଡ ବଣଘେରା ଦେବଗଡ ଜିଲ୍ଲାରେ ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନର ଉନ୍ନତି ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଅଛି, ପୂର୍ବ ପ୍ରସ୍ତାବିତ ରେଙ୍ଗାଲୀ ନଦୀବନ୍ଧର ଉପରି ମୁଣ୍ଡ ବାରକୋଟ ଠାରେ ଇକୋଟ୍ରିଟ ପ୍ରସ୍ତାବ ଉପରେ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇଅଛି କି ?

----

## ମହୁଲ ସଂଗ୍ରହ ହୋଇ ବିକ୍ରିର ପରିମାଣ

2500 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ଵାଳ (ଦେବଗଡ଼)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଗରିବ ଜନସାଧାରଣଙ୍କ ଏକ ମୁଖ୍ୟ ରୋଜଗାର ହେଲା ମହୁଲ, ରାଜ୍ୟରେ ପ୍ରତ୍ୟେକ ବର୍ଷ ଓଡିଶାରୁ କେବେ ମହୁଲ ସଂଗ୍ରହ ହୋଇ ବିକ୍ରି ହୋଇଥାଏ , ଏବଂ ଗତ ତିନି ବର୍ଷ ମଧ୍ୟରେ ଦେବଗଡ ଜିଲ୍ଲାରୁ କେଉଁ ବର୍ଷ କେତେ ପରିମାଣ ମହୁଲ ଉତ୍ପାଦନ ହୋଇଛି ଏବଂ କାହା ମାଧ୍ୟମରେ କିଏ କିଏ ତାକୁ କ୍ରୟ କରୁଛନ୍ତି ତାର ବିବରଣୀ ପ୍ରଦାନ କରିବେ କି ?

----

## ବିଭାଗ ଫଳକର ରଙ୍ଗ ସମ୍ପର୍କରେ

2501 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ଵାଳ (ଦେବଗଡ଼)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ R&B ବିଭାଗ ତରଫରୁ ନିର୍ମାଣ ହୋଇଥିବା ବିଭିନ୍ନ ରାସ୍ତାର ପ୍ରାୟ ସ୍ଥାନରେ ରାସ୍ତାର ସୂଚନା ଏବଂ ଦୈର୍ଘ୍ୟର ସୂଚନା ପାଇଁ ବିଭାଗ ଫଳକ ବା ସାଇନ ବୋର୍ଡ ଲଗାଯାଇଥାଏ, ଏହାର ରଙ୍ଗ ସରକାରଙ୍କ ନିୟମ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ରଙ୍ଗର ନିୟମ ଅଛି ତେବେ ତାର ବିବରଣୀ ପ୍ରଦାନ କରିବେ କି ?

----

## ବେଆଇନ ବିକ୍ରୟକୁ ରୋକିବା ପାଇଁ ପଦକ୍ଷେପ

2502 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ଦେଶୀଭାଟି ରହିଛି, ଦେଶୀ ଭାଟି ବିକ୍ରୟରୁ ବର୍ତ୍ତମାନର ରାଜସ୍ୱ କ'ଣ ଏବଂ ଏହା ରାଜ୍ୟର ଏକ୍ସାଇଜ୍ ରାଜସ୍ୱରେ କିପରି ସହାୟକ ହୁଏ, ଦେଶୀ ମଦଭାଟି ଗୁଡିକରେ ପାଉଚ ଉତ୍ପାଦନ ପାଇଁ ଦିଆଯାଇଥିବା ଲାଇସେନ୍ସ ସଂଖ୍ୟା ଏବଂ ଉତ୍ପାଦନ ପରିମାଣ ବିଷୟରେ ସରକାର ସୂଚନା ପ୍ରଦାନ କରିପାରିବେ କି, ଅଧିକ ଉତ୍ପାଦନ ଏବଂ ଗ୍ରାମାଞ୍ଚଳ ଗୁଡିକରେ ବେଆଇନ ବିକ୍ରୟକୁ ରୋକିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ଦେବଗୀରି ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା

2503 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଷମ କଟକ ନିର୍ବାଚନ ମଣ୍ଡଳୀର କଲ୍ୟାଣସିଂପୁର ଠାରେ ଥିବା ଦେବଗୀରି ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀ ରୂପେ ମାନ୍ୟତା ପ୍ରଦାନ କରିବା ଦିଗରେ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି କି ?

----

## ରାସ୍ତା ଓ ଡ୍ରେନ ନିର୍ମାଣ

2504 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀରେଥିବା ବିଷମ କଟକ ବ୍ଲକର ବିଷମ କଟକ ଠାରୁ ଡୁକୁମ୍ ଦେଇ ଯାଇଥିବା ରାସ୍ତା ଏବଂ ଡ୍ରେନର ସ୍ଥିତି କଣ ଜଣାଇବା ସହ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି କିମ୍ବା ନେବାକୁ ଯାଉଛନ୍ତି ଜଣାଇବେ କି ?

----

## ଦେଶୀ ମଦ ବିତରଣର ଅନୁମତି

2505 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ଅଧୀନରେ ଥିବା କେତେ ଦେଶୀ ମଦ ଭାଟି ରହିଛି, ଦେଶୀ ମଦ ଭାଟି ଗୁଡିକର ପରିଚାଳନା, ପ୍ରସ୍ତୁତି ପାଇଁ କେଉଁ ମାର୍ଗଦର୍ଶିକା, ନିୟମାବଳୀ, କଣ୍ଡିସନ ଅଫ ଲାଇସେନ୍ସ, ସର୍ତ୍ତାବଳୀ ରହିଛି ଓ ସେମାନଙ୍କୁ ନିଜ ଭାଟିରୁ କେତେ କିଲୋମିଟର ଆଉ କେଉଁ କେଉଁ ଅଞ୍ଚଳ ପର୍ଯ୍ୟନ୍ତ ଦେଶୀ ମଦ ବିତରଣର ଅନୁମତି ରହିଛି ?

----

## ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀର ତଦାରଖ ତଥା ମାନ ନିର୍ଦ୍ଧାରଣ

2506 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀରେ କେତେ ଗୋଟି SHG (ସ୍ୱୟଂ ସହାୟକ ଗୋଷ୍ଠୀ) ସକ୍ରିୟଭାବେ କାର୍ଯ୍ୟକରୁଛନ୍ତି ସେମାନଙ୍କ ମଧ୍ୟରୁ କେଉଁ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଶିଶୁ ଖାଦ୍ୟ ହିସାବରେ ଯୋଗାଉଛନ୍ତି, ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀର ତଦାରଖ ତଥା ମାନ ନିର୍ଦ୍ଧାରଣ ପାଇଁ ବିଭାଗ ତରଫରୁ କିଭଳି ବାବରେ ରୁଟିନ କାର୍ଯ୍ୟକ୍ରମ କରାଯାଉଛି ତାହାର ବିସ୍ତୃତ ବିବରଣୀ ଦେବେ କି; ନିମ୍ନମାନର ଶିଶୁ ଖାଦ୍ୟ ଯୋଗାଉଥିବା SHG ସଂସ୍ଥା ବିରୁଦ୍ଧରେ ଗତ ୫ ବର୍ଷ ଭିତରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ

2507 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ନିର୍ମାଣ ବିଭାଗ ପକ୍ଷରୁ କେତେ ବଜେଟ ହୋଇଥିବାବେଳେ ଏହି ପ୍ରକଳ୍ପ ପାଇଁ କେଉଁ କେଉଁ ପ୍ରକଳ୍ପ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, କେଉଁ ଠିକାଦାର, ଠିକାସଂସ୍ଥାକୁ କେତେ ଟଙ୍କାର ଠିକା ଦିଆଯାଇଛି ସେମାନଙ୍କ ତାଲିକା ପ୍ରଦାନ କରିବେ କି, ପରିକ୍ରମା ପ୍ରକଳ୍ପ ସଂପାଦନ ସମୟରେ ମୂଳଢାଞ୍ଚାର ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ନିର୍ମାଣ ହେତୁ ମେଘନାଦ ପ୍ରାଚୀର ପ୍ରତି ବିପଦ ସୃଷ୍ଟି ହୋଇଥିବା ଅଭିଯୋଗଉପରେ ସ୍ପଷ୍ଟୀକରଣ ପ୍ରଦାନ କରିବେକି?

----

## ଜଳ ପ୍ଲାବନ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ

2508 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶ୍ରୀ ଜଗନ୍ନାଥଙ୍କ ବଡଦାଣ୍ଡ ପୁରୀର ନିର୍ମାଣଧୀନ ତ୍ରୁଟି ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ଜଳନିଷ୍କାସନ ବ୍ୟବସ୍ଥା ସଂପାଦନ ସହ ଏହାକୁ ସବୁ ସମୟରେ ଶୂନ୍ୟ ଜଳ ପ୍ଳାବନ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସେବାୟତଙ୍କୁ ବୀମାଭୁକ୍ତ କରିବାକୁ ପଦକ୍ଷେପ

2509 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଶ୍ରୀମନ୍ଦିରରେ କେଉଁ କେଉଁ ସେବା ପ୍ରଚଳିତ ଅଛି ଏହି ସେବା ସଂପାଦନ ପାଇଁ କେଉଁ ସେବାୟତମାନେ ନିୟୋଜିତ ଥାଇ ଶ୍ରୀମନ୍ଦିର ପକ୍ଷରୁ ପଂଜିକୃତ ହୋଇଛନ୍ତି ସେମାନଙ୍କୁ ବାର୍ଷିକ କେତେ ଅର୍ଥ ସହଯୋଗ ଦିଆଯାଉଛି, ସେବାୟତ ଓ ତାଙ୍କ ପରିବାରକୁ ବୀମାଭୁକ୍ତ, ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ସହ ସେମାନଙ୍କ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଇଛି?

----

## ନ୍ୟାୟିକ ସହାୟତା ପ୍ରଦାନ

2510 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜାମିନ ପାଇଥିବା ଓ ଦଣ୍ଡ ଅବଧି ପୂର୍ଣ୍ଣ ହୋଇଥିବା କେତେଜଣ ବନ୍ଦୀ ଅଦ୍ୟାବଧି ବିଭିନ୍ନ ଜେଲରେ ରହିଛନ୍ତି ସେମାନଙ୍କୁ ନ୍ୟାୟିକ ସହାୟତା ପ୍ରଦାନ କରି ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କ୍ଷତିପୂରଣ ପ୍ରଦାନ

2511 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ପର୍ଯ୍ୟଟନସ୍ଥଳୀକୁ ଅନୁଦାନ

2512 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାରଙ୍କ ଦ୍ୱାରା ମାନ୍ୟତା ପାଇଥିବା ପର୍ଯ୍ୟଟନସ୍ଥଳୀଗୁଡିକର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବାସହିତ ବିଗତ ୫ ବର୍ଷ ମଧ୍ୟରେ କେଉଁ ପର୍ଯ୍ୟଟନସ୍ଥଳୀକୁ କେତେ ଅର୍ଥ ପ୍ରଦାନ କରାଯାଇଅଛି ତାର ଏକ ତାଲିକା ଉପସ୍ଥାପନ କରିବେକି ଓ ଅନୁଦାନ ପ୍ରଦାନ କରାଯାଇନଥିବା ପର୍ଯ୍ୟଟନସ୍ଥଳୀମାନଙ୍କୁ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି କି ?

----

## SHG ମହିଳାଙ୍କୁ ଋଣ ପ୍ରଦାନ

2513 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବ୍ଲକୱାରୀ ଗତ 5 ବର୍ଷରେ SHG ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଋଣର ଅର୍ଥ କେତେ ଅଟେ ଏବଂ କେଉଁ କେଉଁ ବ୍ୟାଙ୍କରୁ ପ୍ରଦାନ କରାଯାଇଅଛି, SHG ର ନାମ ଏବଂ ଋଣ ପ୍ରଦାନର ମୋଟ ଅର୍ଥ କେଉଁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଅଛି ତାର ବ୍ଲକୱାରୀ ତାଲିକା ପ୍ରଦାନ ସହିତ ଉକ୍ତ ଋଣ ବାବଦରେ SHG ମାନଙ୍କଠାରୁ ଛାଡ କରାଯାଇଥିବା ସୁଧର ମୋଟ ଅର୍ଥ କେତେ ଏବଂ କେଉଁ ବ୍ୟାଙ୍କ ଦ୍ୱାରା କେତେସୁଧ ଅର୍ଥ ଛାଡ କରାଯାଇଅଛି ସୁଧ ଅର୍ଥ ସରକାର ଉକ୍ତ ବ୍ୟାଙ୍କକୁ ପ୍ରଦାନ କରିଅଛନ୍ତି କି, ଯଦି ହଁ ତେବେ ତାର ସବିଶେଷ ତଥ୍ୟ ଉପସ୍ଥାପନ କରିବେକି, ଯେଉଁ SHG ଋଣ ସୁଝିବାରେ ଖିଲାପ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି?

----

## ମଦ ଦୋକାନ ହଟାଇବା ପାଇଁ ପଦକ୍ଷେପ

2514 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରୁ ବହୁ ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଓ ମନ୍ଦିର ନିକଟବର୍ତ୍ତୀ ଅଂଚଳରେ ମଦ ଦୋକାନ ଖୋଲାଯାଇଥିବା ସତ୍ୟ କି, ଯଦି ହଁ ତେବେ ତାର ଜିଲ୍ଲାୱାରୀ ଶିକ୍ଷାନୁଷ୍ଠାନର ନାମ, ଓ ନିକଟରେ ଥିବା ଦୋକାନ ମଦ ବିକ୍ରେତାଙ୍କ ନାମ ସହିତ ଏକ ତାଲିକା ପ୍ରକାଶ କରି ଏହାକୁ ଶିକ୍ଷାନୁଷ୍ଠାନ, ଦେବାଳୟ ଓ କଲୋନି ଅଂଚଳରୁ ମଦ ଦୋକାନ ଉଠାଇବା ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କି କି ପଦକ୍ଷେପ ଗ୍ରହଣ କରାଯିବାର ବ୍ୟବସ୍ଥା ଅଛି ?

----

## ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ

2515 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅଧିନସ୍ଥ ସୁଆଣ୍ଡୋ ଗ୍ରାମରେ ପୁଣ୍ୟତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ଅଟେ, ପୂର୍ବ ସରକାରଙ୍କ ଦ୍ୱାରା ମହାପୁରୁଷଙ୍କ ଜନ୍ମସ୍ଥଳିରବିକାଶ କରାଯାଇ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ବହନ କରିଛନ୍ତି, ଉକ୍ତ ଗ୍ରାମ ନିକଟରେ ଭାର୍ଗବୀ ନଦୀ ବହିଯାଇଅଛି ଉକ୍ତ ସ୍ଥାନକୁ ବହୁ ସଂଖ୍ୟାରେ ପରିଦର୍ଶକ ଆସୁଥିବାକୁ ଲକ୍ଷ୍ୟ ରଖାଯାଇ ସେଠାରେ ନୌବିହାର, ECO, Retreat ଆଦି ଉନ୍ନୟନ କାର୍ଯ୍ୟ କରାଯାଇଅଛି ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବାର ବ୍ୟବସ୍ଥା କରିବେକି, ଯଦି ହଁ ତେବେ କେବେସୁଦ୍ଧା କାର୍ଯ୍ୟ ଆରମ୍ଭ କରାଯାଇ କେବେସୁଦ୍ଧା ସଂପୁର୍ଣ୍ଣ ହେବ?

----

## ରାଜପଥର ସଂପ୍ରସାରଣ

2516 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ନଂ 316 ସଂପ୍ରସାରଣ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଲାମ ଆହ୍ୱାନ କରାଯାଇଅଛି କି, ଯଦି ହଁ ତେବେ ଏହା କାର୍ଯ୍ୟ ସଂପାଦନା ନିମନ୍ତେ କେଉଁ ଠିକାସଂସ୍ଥାକୁ ପ୍ରଦାନ କରାଯାଇଅଛି ଏବଂ କେବେସୁଦ୍ଧା ସଂପୁର୍ଣ୍ଣ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି,ଏଥିନିମନ୍ତେ କେତେଅର୍ଥ ଖର୍ଚ୍ଚ ହେବ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଟକଳ କରିଛନ୍ତି, ଯଦି ନାଁ ତେବେ ସଂପ୍ରସାରଣ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିନିମନ୍ତେ DPR ପ୍ରସ୍ତୁତ କରିଛନ୍ତି କି, ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି କି ?

----

### Improvement of judicial infrastructur

**2517 Shri Kalikesh Narayan Singh Deo (Bolangir):**

Will the Minister for **Law** be pleased to state that:-:- What are the recent initiatives undertaken by the Law Department in Odisha to improve the judicial infrastructure and reduce case backlogs, govt., Can the Govt. provide details on the funds allocated and utilized for enhancing court infrastructure in Odisha over the past three years, "Are there specific schemes aimed at digitizing court records and case management in Odisha, If yes, what is the status of implementation and budget allocation for the same, "Are there specific schemes aimed at digitizing court records and case management in Odisha, If yes, what is the status of implementation and budget allocation for the same, how much budget has been allocated for legal aid schemes in Odisha this year, and how does it compare with previous years?

----

### Action against chattua suppliers

**2518 Shri Kalikesh Narayan Singh Deo (Bolangir):**

Will the Minister for **Deputy Chief Minister** be pleased to state that:-:- (a) whether the Government is aware that no action has been taken against defaulting Chattua suppliers in Balangir and Sonepur districts of Odisha; (b) if so, the reasons for delay in action against these suppliers; the details of complaints received against these suppliers in the last two years; and the timeline by which the Government will take action against these defaulters?

----

### Budget Allocation to Law Deptt

**2519 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- What is the total budget allocated to Odisha's Law Departments for the Current financial year, and how does it compare to previous years?

----

**Job Generation in Tourism Deptt**

2520 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- The Tourism Sector has significant potential for employment Generation in Odisha, could the Government provide data on how many direct and indirect jobs have been created in the Tourism Sector over the past two years ?

----

**Legal Aid Service**

2521 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- What measures are being taken by the Law Department to ensure timely access to legal aid services in rural and tribal areas of Odisha ; How much budget has been allocated for legal aid schemes in Odisha this year, and how does it compare with previous years; could the govt provide data on the number of people who benefited from legal aid services in Odisha, along with any plans to increase outreach and awareness in underserved regions?

----

**ପାନ୍ଥ ନିବାସ ନିର୍ମାଣ**

2522 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଥିବା ଯୋଗୁଁ ପ୍ରତିବର୍ଷ ପ୍ରତିଦିନ ଶହଶହ ପର୍ଯ୍ୟଟକ ଭ୍ରମଣ କରିବାକୁ ଆସନ୍ତି ଏଣୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ କେତୋଟି ସ୍ଥାନରେ OTDC ତରଫରୁ Panthanivas ଅଛି ତାର ସ୍ଥିତାବସ୍ଥା କଣ ଯଦି ନାହିଁ ସରକାର OTDC ତରଫରୁ ପାନ୍ଥନିବାସ ନିର୍ମାଣ କରିବାକୁ ପ୍ରତିଜିଲ୍ଲାରେ ୨ ଟି ଲେଖାଁଏ ପାନ୍ଥନିବାସ ନିର୍ମାଣ କରିବାକୁ ପ୍ରସ୍ତାବ ରଖିବେ କି ?

----

**ପୋଲ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ**

2523 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଗୋବିନ୍ଦପାଲି ଅନ୍ତର୍ଗତ ସପ୍ତଧାରା ନଦୀରେ ଗାଦିଆଗୁଡ଼ା ଗାଁକୁ ସଂଯୋଗ କରିଥିବା ପୋଲକୁ ଆଜକୁ ୮ ରୁ ୯ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିବାର କାରଣ କଣ; ଉକ୍ତ ପୋଲକୁ ଶୀଘ୍ର ହାତକୁ ନେଇ ସମ୍ପୂର୍ଣ୍ଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଛତୁଆର ମାନ ନିର୍ଦ୍ଧାରଣ

2524 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତେଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟଭାବେ କାର୍ଯ୍ୟ କରୁଛନ୍ତି ତନ୍ମଧ୍ୟରୁ କେଉଁ କେଉଁ SHG Group ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଖାଦ୍ୟ ଯୋଗାଉଛନ୍ତି, ସେମାନଙ୍କର ଖାଦ୍ୟ ପ୍ରସ୍ତୁତ କେନ୍ଦ୍ରକୁ ପ୍ରଣାଳୀରମାନ ନିର୍ଦ୍ଧାରଣ ପାଇଁ କେଉଁ କେଉଁ ବିଭାଗ ତରଫରୁ କେତେଥର ତଦାରଖ କରିଛନ୍ତି ଓ କେତେ ଜଣଙ୍କ ବିରୁଦ୍ଧରେ ବିଗତ ୫ ବର୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ

2525 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ମିନିଅଙ୍ଗନୱାଡ଼ି କେନ୍ଦ୍ର ଅଛି; ତନ୍ମଧ୍ୟରୁ କେତୋଟିରେ ନିଜସ୍ୱ ଗୃହ ଅଛି, କେତୋଟିରେ ଗୃହ କାର୍ଯ୍ୟ ଚାଲୁଅଛି ଓ କେତୋଟିରେ ନିଜସ୍ୱ ଗୃହ ଏବେ ସୁଦ୍ଧା ନାହିଁ,ଏହାର ଏକ ତାଲିକା ପ୍ରଦାନ କରିବେ କି ; ନିର୍ମାଣ କାର୍ଯ୍ୟ ଚାଲୁଥିବା କାର୍ଯ୍ୟଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ

2526 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତେଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଅଛି, ସେଥିମଧ୍ୟରୁ କେତୋଟି ନିଜସ୍ୱ ଗୃହରେ କେନ୍ଦ୍ର ଚାଲୁଛି ଓ କେତେ କେନ୍ଦ୍ର ନିର୍ମାଣାଧିନ ଅଛି ଓ କେତେ ଆଜି ପାର୍ଯ୍ୟନ୍ତ ନିଜସ୍ୱ ଗୃହ ନାହିଁ ସେଗୁଡ଼ିକ କେଉଁଠାରେ ଓ କିପରି କେନ୍ଦ୍ର ଚାଲୁଛି ?

----

## ଟ୍ରଷ୍ଟ ବୋର୍ଡ଼ ଗଠନ

2527 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲା ସହ ରାଜ୍ୟର କେଉଁ ଦେବୋତ୍ତର ଅନୁଷ୍ଠାନର ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ, ତାହାର ତାଲିକା ଦର୍ଶାଇ ଏହାକୁ ତୁରନ୍ତ ଗଠନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମିଶନ ଶକ୍ତି ଅତିଥିଭବନ ନିର୍ମାଣ

2528 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜଧାନୀକୁ ଆସୁଥିବା ମିଶନ୍ ଶକ୍ତି ମାଆମାନଙ୍କ ରହଣୀ ପାଇଁ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସମ୍ପ୍ରସାରିତ ମିଶନ ଶକ୍ତି ଅତିଥି ଭବନ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗଞ୍ଜେଇ ଚାଷ ମୂଳୋତ୍ପାଟନ

2529 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରୁ କେତେ ଗଞ୍ଜେଇ ଗଛ ନଷ୍ଟ ହୋଇଛି, ପ୍ରକାଶ କରି ଗଞ୍ଜେଇ ଚାଷକୁ ରାଜ୍ୟରୁ ମୁଳୋତ୍ପାଟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପାନ୍ଥନିବାସ ଓ ପାନ୍ଥଶାଳାର ପ୍ରତିଷ୍ଠାନ ଖର୍ଚ୍ଚ

2530 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ରାଜ୍ୟ ପର୍ଯ୍ୟଟନ ନିଗମ ତରଫରୁ ସ୍ଥାପିତ କେଉଁ ପାନ୍ଥନିବାସ ଓ ପାନ୍ଥଶାଳାରେ ବିଗତ ତିନି ବର୍ଷରେ ପ୍ରତିଷ୍ଠାନ ଖର୍ଚ୍ଚ ବାଦଦେଇ କେତେ ଲାଭ ବା କ୍ଷତି ହୋଇଛି ?

----

## ପ୍ରସ୍ତାବିତ ରିଙ୍ଗରୋଡ଼ ପ୍ରକଳ୍ପର ବ୍ୟୟବରାଦ

2531 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜଧାନୀ ଚତୁଃପାର୍ଶ୍ୱର ପ୍ରସ୍ତାବିତ ରିଙ୍ଗରୋଡ଼ର ବର୍ତ୍ତମାନ ସ୍ଥିତି କଣ, ଏଥିପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି ଓ ଏହି ପ୍ରକଳ୍ପ କେବେ ସୁଦ୍ଧା ପୂର୍ଣାଙ୍ଗ ହେବ ?

----

## ଦଣ୍ଡିତ ହୋଇଥିବା ଇଞ୍ଜିନିୟର ମାନଙ୍କ ନାମ ତାଲିକା ପ୍ରଦାନ

2532 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ପୂର୍ତ୍ତବିଭାଗ ଅଧିନରେ କେଉଁ ଜିଲ୍ଲାର କେଉଁ କେଉଁ ପ୍ରକଳ୍ପ ଗୁଡିକ ଭୁଷୁଡି ପଡିବା ଓ ନିମ୍ନମାନର ହୋଇଥିବା ହେତୁ ଅଭିଯୋଗକୁ ଆଧାର କରି କେତେଜଣ AE, AEE,EE & SE ପ୍ରମୁଖଙ୍କ ଉପରେ ବିଭାଗୀୟ କି ପ୍ରକାରର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଓ ସେହି ସଂପୃକ୍ତ ଇଂଞ୍ଜିନିୟରମାନଙ୍କ ନାମ ସହ କେଉଁ କାର୍ଯ୍ୟ ପାଇଁ କି ପ୍ରକାର ଦଣ୍ଡିତ ହୋଇଛନ୍ତି ତାର ସମସ୍ତ ବିବରଣୀ ପ୍ରଦାନ କରିବେ କି ; (ଖ) କେଉଁ ବର୍ଗର ଇଂଞ୍ଜିନିୟରମାନେ ତନ୍ମଧ୍ୟରୁ କେତେ ବର୍ଷପରେ ପୁନର୍ବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି ?

----

## ବିଲ ପେମେଣ୍ଟ ପାଇଁ ପଦକ୍ଷେପ

2533 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ସମୁଦାୟ Non-plan ରେ ରାସ୍ତା ଓ କୋଠାବାଡିରେ କେତେ କୋଟି ଟଙ୍କାର କାର୍ଯ୍ୟ ହୋଇ କେତେ ବିଲ୍ ପେମେଣ୍ଟ ହୋଇଛି ଏବଂ କେତେ ବାକି ରହିଛି, ଜଣାଇବେ କି ; ଏହିବାକି ଥିବା ବିଲଗୁଡିକ କେବେସୁଦ୍ଧା ପେମେଣ୍ଟ ହେବ ତା'ର ଜିଲ୍ଲାୱାରୀ /ଡିଭିଜନୱାରୀ ତାଲିକା ପ୍ରଦାନ କରିବେ କି ?

----

## ଯନ୍ତ୍ରୀ ପଦବୀ ପୂରଣ

2534 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପୁର୍ତ୍ତବିଭାଗ ଅଧିନରେ କେଉଁ ଜିଲ୍ଲାର କେଉଁ ଡିଭିଜନରେ କେତୋଟି ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀ କେବେଠାରୁ ଖାଲି ପଡିଅଛି, ସେଗୁଡିକୁ ପୂରଣ ପାଇଁ ବିଭାଗ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ;(ଖ) କେଉଁ ଜିଲ୍ଲାର କେଉଁ ଡିଭିଜନରେ କାର୍ଯ୍ୟରତ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ପ୍ରଶାସନିକ ଦୃଷ୍ଟିରୁ ଗୋଟିଏ ଡିଭିଜନ ଅଧୀନରେ କେତେ ବର୍ଷ ରହିପାରିବେ ; ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ କେତେ ଜଣ କେଉଁ ଡିଭିଜନରେ କାର୍ଯ୍ୟ କରୁଛନ୍ତି ତାର ଜିଲ୍ଲାୱାରୀ / ଡିଭିଜନୱାରୀ ତାଲିକା ଦେବେ କି ?

----

## "ଆମ ହସ୍ପିଟାଲ ଯୋଜନା"

2535 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ 'ଆମ ହସ୍ପିଟାଲ' ଯୋଜନାରେ କେଉଁ ଜିଲ୍ଲାରେ କେତୋଟି ଡ଼ାକ୍ତରଖାନା ଗୃହଗୁଡିକ ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ଅସମ୍ପୂର୍ଣ୍ଣ ଅଛି ତାର ଏକ ଜିଲ୍ଲାୱାରୀ/ ଡିଭିଜନୱାରୀ ସମ୍ପୂର୍ଣ୍ଣ ବିବରଣୀ ଦେବାସହ ଉକ୍ତ କାର୍ଯ୍ୟ ଗୁଡ଼ିକୁ କେଉଁ ଠିକାଦାରମାନେ କେତେ ଅର୍ଥବ୍ୟୟରେ ନିର୍ମାଣ କରୁଛନ୍ତି ଏବଂ ସେମାନେ କାମ ବାବଦକୁ କେତେ ଅର୍ଥ ପାଇଛନ୍ତି, ଓ ଅର୍ଥ ପାଇବାରୁ କାମ ଅଧିକ କରିଥିବାରୁ ସେମାନଙ୍କର କେତେ ବିଲ ପଇସା ବାକି ଅଛି ତାହାର ସବିଶେଷ ବିବରଣୀ ଦେବା ସହ ଉକ୍ତ କାର୍ଯ୍ୟଗୁଡିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ

2536 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ କେତୋଟି ଓଡିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣକାର୍ଯ୍ୟ କେଉଁ ଜିଲ୍ଲାରେ କେଉଁ ପର୍ଯ୍ୟାୟରେ ଅଛି ତନ୍ମଧ୍ୟରୁ କେତେ ସମ୍ପୂର୍ଣ୍ଣ ହୋଇଛି ଓ କେତୋଟି କାମ ଅସମ୍ପୂର୍ଣ୍ଣ ଅଛି ଏବଂ ସେଗୁଡିକ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ତାର ଏକ ଡିଭିଜନୱାରୀ, ଜିଲ୍ଲାୱାରୀ ତାଲିକା ଦେବା ସହ, କେଉଁଠାରେ ଠିକାଦାରମାନେ କାମ କରିଥିଲେ ମଧ୍ୟ ବିଲ ପେମେଣ୍ଟ ହୋଇପାରି ନ ଥିବାରୁ ନିର୍ମାଣ କାର୍ଯ୍ୟ ମନ୍ଥର ହୋଇଛି ?

----

## ଛତୁଆ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

2537 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର ଉଚ୍ଚନ୍ୟାୟାଳୟ, ଓଡ଼ିଶା, କଟକଙ୍କ WPC 32123/2023 ମୋକଦ୍ଦମାର ରାୟ ଅନୁସାରେ ଜଳେଶ୍ୱର ବ୍ଲକ THR ଛତୁଆ ପ୍ରସ୍ତୁତି ଓ ବଣ୍ଟନକାରୀ SHG ବିରୁଦ୍ଧରେ ଆଦେଶକୁ ଭିତ୍ତିକରି ନୂଆ ପ୍ରସ୍ତୁତକାରୀ SHG ଚୟନ କରିବା ସକାଶେ ସରକାର ଜିଲ୍ଲାପାଳ ଓ ସି.ଏସ୍.ଡ଼ବଲ୍ୟୁ.ଓ.ଙ୍କୁ ଅବିଳମ୍ବେ ନିର୍ଦ୍ଦେଶ ଦେବେ କି; ଏଥି ସହ ଅନ୍ତରିଣ (Interim) ବ୍ୟବସ୍ଥା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି ?

----

## ରାଇବଣୀଆ ଦୁର୍ଗର ସୌନ୍ଦର୍ଯ୍ୟ କରଣ

2538 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁ ପୁରାତନ ଐତିହାସିକ ରାଇବଣିଆ ଦୁର୍ଗର (RAIBANIA FORT) ସୌନ୍ଦର୍ଯ୍ୟକରଣ ସକାଶେ ପ୍ରଥମ ପର୍ଯ୍ୟାୟରେ କେତେ ଅର୍ଥ ସରକାର ମଞ୍ଜୁର କରିଥିଲେ ଏଥିରେ ନିର୍ମାଣ କାର୍ଯ୍ୟର ଅଗ୍ରଗତି କେଉଁ ସ୍ତରରେ, ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କେବେ ହେବ ଏବଂ କେଉଁ ପ୍ରକାର କାର୍ଯ୍ୟ ହେବ ?

----

## ମଠ ସୁରକ୍ଷା ପାଇଁ ପଦକ୍ଷେପ

2539 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦୈନନ୍ଦିନ ନୀତିକାନ୍ତି ସହିତ ବିଭିନ୍ନ ମଠର ଭୂମିକା ଥିବା ଦୃଷ୍ଟେ ମଠ ଗୁଡ଼ିକର ସୁରକ୍ଷା ସକାଶେ ସରକାର ଓ ASI କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସଡ଼କ ପଥ ହସ୍ତାନ୍ତର

**2540 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Inter state connection ହୋଇଥିବା ଗ୍ରାମ୍ୟ ଉନ୍ନୟନ ସଡ଼କ ପଥ ଜଳେଶ୍ୱର ବ୍ଲକର କଙ୍କଡ଼ାଫେରା (KANKADAFERA) ଗ୍ରାମ ସନ୍ନିକଟ ପଶ୍ଚିମବଙ୍ଗ ସୀମା ଝାଡ଼ଗ୍ରାମ ଜିଲ୍ଲାକୁ ସଂଯୋଗ କରୁଥିବା ଖୁଆଡ଼ (KHUARD) ଛକଠାରୁ ରାଜ୍ୟ ସୀମା ପର୍ଯ୍ୟନ୍ତ ୭ ୧/୨ କି.ମି.ରୁ ଅଧିକ ସଡ଼କ ପଥକୁ ହସ୍ତାନ୍ତର ପୂର୍ବକ (7 1/2 Kms.) ଏହି ବିଭାଗ ଦ୍ୱାରା ପ୍ରଶସ୍ତିକରଣ କରିବା ସକାଶେ ସରକାର ପଦକ୍ଷେପ ନେବେ କି ?

----

## ଶ୍ରୀ ଜଗନ୍ନାଥଙ୍କ ଆୟ

**2541 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମରେ ରାଜ୍ୟରେ, ରାଜ୍ୟ ବାହାରେ ଭୂସମ୍ପତ୍ତି କେତେ ଏହା ସହିତ କୌଣସି ସ୍ଥାନରେ ଲଘୁଖଣିଜ ସମ୍ପତ୍ତି ଅଛି କି; ରାଜ୍ୟ ଭିତରେ ଥିବା ସବୁ ପ୍ରକାର ଭୂସମ୍ପତ୍ତିର ବାର୍ଷିକ ଆୟ ଅର୍ଥ ଆକାରରେ କେତେ ମିଳିଛି, ସେହିପରି ରାଜ୍ୟ ବାହାରୁ କେଉଁ ରାଜ୍ୟରୁ କେତେ ମିଳୁଛି ?

----

## କାଚ ବୋତଲ ପରିବର୍ତ୍ତେ ଅନ୍ୟ ବୋତଲରେ ମଦବିକ୍ରୀ ପାଇଁ ପଦକ୍ଷେପ

**2542 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କାଚ ବୋତଲରେ ମଦ ବିକ୍ରୟ କରାଯାଉଥିବା ଓ ଏହି କାଚ ବୋତଲର ମଦକୁ ନେଇ ମଦ୍ୟପମାନେ ମଦ୍ୟପାନ କଲାପରେ ନିଶାଗ୍ରସ୍ତ ହୋଇ ତାହାକୁ ଭାଙ୍ଗି ଭଙ୍ଗା ବୋତଲକୁ ଚାଷ ଜମି, ନଦୀପୋଖରୀ ତୁଠ, ଖୋଲାପଡ଼ିଆ, ରାଜରାସ୍ତା ଓ ସର୍ବସାଧାରଣ ସ୍ଥାନରେ ପକାଉଥିବା ଓ ଏହାକୁ ମାଡ଼ି ସାଧାରଣ ଲୋକେ ଓ ଜୀବଜନ୍ତୁ ଆହତ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ କାଚ ବୋତଲ ବଦଳରେ ବିକଳ୍ପ ପାତ୍ରରେ ମଦ ବିକ୍ରୟ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଅବକାରୀ ଅଧିକାରୀ ପଦବୀ ପୂରଣ

**2543 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅବକାରୀ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମିଶନଶକ୍ତି ସଭ୍ୟାଙ୍କ ବିଦେଶ ଭ୍ରମଣ

**2544 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ଚାରି ବର୍ଷରେ କେନ୍ଦୁଝର ଜିଲ୍ଲାର କେତେଜଣ ମିଶନଶକ୍ତି ଅଧିକାରୀ ଓ ମିଶନଶକ୍ତି ସଭ୍ୟାଙ୍କୁ ଓଡ଼ିଶା ବାହାରର କେଉଁ ପ୍ରଦେଶ ଓ ବିଦେଶର କେଉଁ ଦେଶକୁ କ୍ଷେତ୍ର ପରିଦର୍ଶନର ସୁଯୋଗ ପାଇଁ ପରିଭ୍ରମଣର ସୁଯୋଗ ପ୍ରଦାନ କରାଯାଇ ସେବାବଦରେ କେତେ ଅର୍ଥ ବିନିଯୋଗ କରାଯାଇଛି ?

----

## ଅର୍ଥ ଆୟ ପରିମାଣ

2545 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ପୁରୀଙ୍କ ସହ ରାଜ୍ୟର କେଉଁ ଦେବାଦେବୀଙ୍କ ହୁଣ୍ଡି, ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟ ସୂତ୍ରରୁ ବିଗତ ତିନି ବର୍ଷରେ କେତେ ଅର୍ଥ ଆୟ ହୋଇଛି, ତାହାର ଦେବାଦେବୀୱାରୀ ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ମାମଲାର ଆଶୁ ଫଇସଲା ପାଇଁ ପଦକ୍ଷେପ

2546 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ କେଉଁ ବିଚାର ବିଭାଗୀୟ ଅଦାଲତ ମାନଙ୍କରେ କେତେ ମାମଲା ବିଚାରାଧୀନ ଅଛି ଓ ବିଗତ ତିନି ବର୍ଷରେ କେତେଗୋଟି ମାମଲା ଫଇସଲା ହୋଇଛି, ବକେୟା ମାମଲାର ଆଶୁ ଫଇସଲା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଏସ୍.ଏଚ୍.ଜି. ମାନଙ୍କର ବିଦେଶ ଭ୍ରମଣ

2547 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ସରକାରଙ୍କ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କେଉଁ କେଉଁ ଏସଏଚଜିର କେଉଁମାନଙ୍କୁ ସରକାର ବିଦେଶ ବୁଲାଇ ନେଇଥିଲେ, ସେମାନଙ୍କୁ ଚୟନ ପାଇଁ କି କି ମାନଦଣ୍ଡ ରହିଥିଲା, ଏବାବଦରେ କେତେ ଟଙ୍କା ବ୍ୟୟ ହୋଇଥିଲା ?

----

## ଏସ.ଏଚ.ଜି. ଗ୍ରୁପକୁ ଋଣ ପ୍ରଦାନ

2548 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମିଶନ ଶକ୍ତି ଜରିଆରେ ରାଜ୍ୟ ସରକାର କେଉଁ ବର୍ଷ କେତେ ଟଙ୍କାର ଋଣ ଓ ଅନ୍ୟାନ୍ୟ ସହାୟତା ଏସଏଚଜି ଗ୍ରୁପମାନଙ୍କୁ ପ୍ରଦାନ କରିଛନ୍ତି; ଏସଏଚଜି ଗ୍ରୁପମାନେ କେତେ ଟଙ୍କାର ଋଣ ଶୁଝିଛନ୍ତି ଓ କେତେ ଟଙ୍କା ବକେୟା ରଖିଛନ୍ତି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଅବକାରୀ ରାଜସ୍ୱ ଆୟ

2549 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମ୍ପ୍ରତି କେତେ ଠିପିଖୋଲା ଓ ଠିପି ବନ୍ଦ ମଦ ଦୋକାନ ଏବଂ ବାର୍ ରହିଛି, ସରକାରୀସ୍ତରରେ କେତେ ଦେଶୀ ମଦ ଦୋକାନ ଖୋଲାଯାଇଛି, ଗତ ୧୦ ବର୍ଷ ମଧ୍ୟରେ ଅବକାରୀ ବିଭାଗ କେଉଁ ସୂତ୍ରରୁ କେତେ ରାଜସ୍ୱ ସଂଗ୍ରହ କରିଥିବାବେଳେ ରାଜ୍ୟରେ ବାର୍ଷିକ ହାରାହାରି କେଉଁ ପ୍ରକାର ମଦ କେତେ ପରିମାଣର ବିକ୍ରି ହେଉଛି ?

----

## ଜଗନ୍ନାଥଙ୍କ ଜମି ଉଦ୍ଧାର

2550 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁ କେଉଁ ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କର କେତେ ଜମି ରହିଛି; କେତେ ପରିମିତ ଜମି ଜବରଦଖଲରେ ଥିବାବେଳେ ଏହି ଜମିକୁ ଜବରଦଖଲ ମୁକ୍ତ ପାଇଁ ସରକାରଙ୍କ ତରଫରୁ କି ପଦକ୍ଷେପ ନିଆଯାଇଛି; ରାଜ୍ୟ ବାହାରେ ମହାପ୍ରଭୁଙ୍କର ଶହ ଶହ ଏକର ମୂଲ୍ୟବାନ ଜମି ଥିବାବେଳେ ଏହାକୁ ବିକ୍ରୟ କରି ଶ୍ରୀମନ୍ଦିର ପ୍ରଶାସନକୁ ଅର୍ଥ ଆଣିବାକୁ ସରକାର ପଦକ୍ଷେପ ନେବେ କି ?

----

## କୋଷ୍ଟାଲ ହାଇୱେ ପାଇଁ ବ୍ୟୟ ବରାଦ

2551 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରସ୍ତାବିତ କୋଷ୍ଟାଲ ହାଇୱେ କେଉଁ କେଉଁ ଅଞ୍ଚଳ ଦେଇଯିବ, ଏହି ପ୍ରକଳ୍ପ ପାଇଁ କେତେ ବ୍ୟୟ ଅଟକଳ କରାଯାଇଥିବାବେଳେ ସମ୍ପ୍ରତି ଏହା କେଉଁ ସ୍ଥିତିରେ ରହିଛି, ଏହି କୋଷ୍ଟାଲ ହାଇୱେର ନକ୍ସା ଓ ରୋଡ଼ମ୍ୟାପ ପ୍ରଦାନ କରିବେ କି ?

----

## Revenue Collected from liquor sale

2552 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) What is the total revenue collected from liquor sales in each district of Odisha for the last financial year, (b) Could the govt. provide a district-wise breakdown of this revenue ?

----

## installation a statue of Justice

2553 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) Whether the government has any plans to install a statue of Justice or another statue celebrating the legacy of the Orissa High Court at the Judicial Academy Square in Cuttack, b) Will the government consider to commemorate the historical and judicial significance of the Orissa High Court through such an initiative?

----

**Installation of biometric system**

**2554 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) Whether biometric systems have been installed in all the offices operating under the Works Department, (b) If biometric systems have been installed, are they functioning effectively across all these offices, in cases where the biometric systems have not yet been installed or are not functioning properly, what is the reason for the delay, What is the timeline for the full installation and operationalization of biometric systems in all offices under the Works Department?

----

**Renovation of the Dak Bunglow**

**2555 Smt. Sofia Firdous (Barabati-cuttack):**

Will the Minister for **Works** be pleased to state that:-:- Whether the government has any plans for the renovation and development of the Dak Bunglow situated in Balijhari Gram Panchayat, Narsinghpur Block, Cuttack, which is a heritage structure approximately 150 years old, given the building's historical importance and its current deteriorating condition, what immediate measures are being taken to ensure its preservation and renovation?

----

**OTDC ଦ୍ୱାରା ପରିଚାଳିତ ସଂସ୍ଥା କ୍ଷତିରେ ଚାଲୁଥିବା ସମ୍ପର୍କରେ**

**2556 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଣତାରକା ପ୍ରଶ୍ନ 31344 31-04-2024ରେ ପ୍ରଦତ୍ତ ଉତ୍ତର ଆଧାରରେ, OTDC ଦ୍ୱାରା ପରିଚାଳିତ ପିଏନଏସ୍ କୋଣାର୍କ ଓ ନିମନ୍ତ୍ରଣ ରେଷ୍ଟ-ପୁରୀ, ଆର୍ଥିକ ବର୍ଷ 2022- 23 ଏବଂ 2023-24ର ଡିସେମ୍ବର 2023 ସୁଦ୍ଧା ଏହି 2ଟି ୟୁନିଟ୍ କ୍ଷତିରେ ଚାଲିଛି, ଦେଶ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ପସନ୍ଦର ସବୁଠୁ ଆଗରେ ପୁରୀ ଓ କୋଣାର୍କ ଥିଲାବେଳେ, OTDC ଦ୍ୱାରା ପରିଚାଳିତ ସଂସ୍ଥା କ୍ଷତିରେ ଚାଲିବାର କାରଣ କଣ, OTDC ସଂସ୍ଥାକୁ ଲାଭରେ ଚଳାଇବା ପାଇଁ କୌଣସି ବିଶେଷଜ୍ଞ ସଂସ୍ଥାର ସହାୟତା ନେବା ଦିଗରେ ବିଭାଗ ନିଷ୍ପତ୍ତି ନେଉଛି କି?

----

## ବଡ଼ଚଣା ବ୍ଲକର "ମମତା" ହିତାଧିକାରୀଙ୍କ ସଂଖ୍ୟା

2557 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ଏବଂ ବଡ଼ଚଣା ବ୍ଲକର " ମମତା" ହିତାଧିକାରୀଙ୍କ ସଂଖ୍ୟା କେତେ, ରାଜ୍ୟର ତଥ୍ୟ ଜିଲ୍ଲା ୱାରୀ ଓ ବଡ଼ଚଣା ବ୍ଲକର ତଥ୍ୟ ପଞ୍ଚାୟତ ୱାରୀ ଦେବେ କି, ରାଜ୍ୟରେ ଏବଂ ବଡ଼ଚଣା ବ୍ଲକରେ "ମମତା" ଯୋଜନାରୁ ବଞ୍ଚିତ ହୋଇଥିବା ମହିଳାଙ୍କ ସଂଖ୍ୟା କେତେ ଏବଂ ବଞ୍ଚିତ ହେବାର କାରଣ କଣ ?

----

## ବଡ଼ଚଣା ବ୍ଲକର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ

2558 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭିନ୍ନ ପ୍ରକାର ସାମଗ୍ରୀ ଉତ୍ପାଦନ କରିବା ନିମନ୍ତେ, ବଡ଼ଚଣା ବ୍ଲକର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ 2019-20 ଆର୍ଥିକ ବର୍ଷରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ କେତେ ଅର୍ଥ ପ୍ରଦାନ କରାଯାଇଥିଲା, ସେହି ଅନୁଦାନକୁ ବିନିଯୋଗ କରି ଉତ୍ପାଦିତ ସାମଗ୍ରୀକୁ କେତେ ଟଙ୍କାରେ ବିକ୍ରୀ କରାଯାଇଛି, ତାହର ତଥ୍ୟ ବର୍ଷ ୱାରୀ ପ୍ରଦାନ କରିବେ କି ?

----

## ନ୍ୟାୟପାଳିକା ଭିତ୍ତିଭୂମିର ବିକାଶ ନିମନ୍ତେ ଅନୁଦାନର ପରିମାଣ

2559 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ନ୍ୟାୟପାଳିକା ଭିତ୍ତିଭୂମିର ବିକାଶ ନିମନ୍ତେ, ଗତ 5ଟି ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଅନୁଦାନ କେତେ ଏବଂ ସେହି ସମାନ ବର୍ଷ ଗୁଡିକରେ ରାଜ୍ୟ ସରକାରଙ୍କ ନିଜସ୍ୱ ଅନୁଦାନ କେତେ ଥିଲା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସେହି ଅନୁଦାନ ରାଶିର ବିନିଯୋଗର ତଥ୍ୟ, ଆର୍ଥିକ ବର୍ଷ ଓ ପ୍ରକଳ୍ପ ୱାରି ଦେବେ କି ?

----

## ଅବକାରୀରୁ ରାଜସ୍ୱ ଆୟ

2560 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ଦେଶୀ ମଦ ଭାଟି ଓ ବିଦେଶୀ ମଦ ଦୋକାନ ଅବସ୍ଥିତ, କେଉଁ ବ୍ୟକ୍ତି ବା ସଂସ୍ଥାକୁ ମଦ ବିକ୍ରି କରିବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି, (ଖ) ବଲାଙ୍ଗିର ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୦-୨୩ ରୁ ଆଜି ପର୍ଯ୍ୟନ୍ତ କେତେ ରାଜସ୍ୱ ଆଦାୟ ହୋଇଅଛି ଏବଂ କେତେ ପରିମାଣରେ ଚୋରା ମାଦକ ଦ୍ରବ୍ୟ ଜବତ କରାଯାଇଅଛି ?

----

## ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ ପାଇଁ ଅନୁଦାନ

2561 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା ବ୍ଲକର ରାଣୀପୁର-ଝରିଆଲ ଶୈବ ପିଠ ଏବଂ ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ ପାଇଁ ବିଗତ ୫ ବର୍ଷରେ କେଉଁ କେଉଁ ଯୋଜନାରେ କେତେ ଅର୍ଥ ପ୍ରଦାନ କରାଯାଇଅଛି ଓ କେଉଁ କେଉଁ ବ୍ୟକ୍ତି ବା ସଂସ୍ଥା ଦ୍ୱାରା କେଉଁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ?

----

## ଦେବୋତ୍ତର ସମ୍ପତ୍ତି ଫେରାଇ ଆଣିବାକୁ ପଦକ୍ଷେପ

2562 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବଲାଙ୍ଗିର ଜିଲ୍ଲା ଏବଂ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ ଦେବାଦେବୀଙ୍କର କେତେ ଭୂସମ୍ପତ୍ତି ଅଛି, ବିଗତ ବର୍ଷ ମାନଙ୍କରେ ମାର୍ଫତଦାର ମାନେ, କେତେ ଭୂସମ୍ପତି ବିକ୍ରୀ କରିଥିବାର ସରକାରଙ୍କ ଦୃଷ୍ଟିରେ ଅଛି କି, ବର୍ତ୍ତମାନ ଦେବୋତ୍ତର ଭୂସମ୍ପତ୍ତି ର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବା ସହ ବିକ୍ରୀ ହୋଇଥିବା ଭୂସମ୍ପତି କୁ ଫେରାଇ ଆଣିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ରାସ୍ତା ମରାମତି

2563 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ PWD (R&B) Division, Kantabanji ଅଧୀନରେ କେତେ କି.ମି. କେଉଁ କେଉଁ ରାସ୍ତା ଅଛି, ସେଗୁଡିକର ରାସ୍ତା ୱାରୀ ତାଲିକା ପ୍ରଦାନ କରିବେ କି, (ଖ) ୨୦୨୧-୨୨ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ କେଉଁ କେଉଁ PWD ରାସ୍ତା, ବ୍ରିଜ୍ ଓ ବିଲଡିଙ୍ଗ ନିର୍ମାଣ/ମରାମତି କାର୍ଯ୍ୟ କରାଯିବା ପାଇଁ କେଉଁ କେଉଁ ଯୋଜନା ଅନ୍ତର୍ଗତ କେତେ ଟଙ୍କା ଅନୁଦାନ ପ୍ରାପ୍ତ କରିଛନ୍ତି ଓ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ କେଉଁ କେଉଁ ଠିକାଦର ବା ସଂସ୍ଥା ଦ୍ୱାରା ସଂପାଦନ ହୋଇଛି ଏବଂ ସେଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ?

----

## ଝୁଲା ପୋଲ ନିର୍ମାଣ

2564 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela Sector ଅଞ୍ଚଳରେ ରହୁଥିବା ଲୋକମାନେ ସୁବିଧାରେ ଯେପରି ତ୍ରିବେଣୀ ସଙ୍ଗମ ବେଦବ୍ୟାସ ପୀଠକୁ ଯାଇପାରିବେ ସେଥିପାଇଁ ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ଏକ ଝୁଲା ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ରାଉରକେଲାବାସୀଙ୍କ ଦାବି ସମ୍ପର୍କରେ ସରକାରଙ୍କ ଯୋଜନା କଣ ଅଛି ?

----

## ରିଂ ରୋଡ୍ ନିର୍ମାଣ

2565 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela ଇସ୍ପାତ ସହରାଞ୍ଚଳର Sector-20 ନିକଟ ଦେଇ ବହିଯାଇଥିବା କୋଏଲ ନଦୀର ବୈକୁଠ ଘାଟ ନିକଟରୁ ନଦୀ କୂଳେ କୂଳେ ପାନପୋଷ ପର୍ଯ୍ୟନ୍ତ ଏକ ରିଂ ରୋଡ ନିର୍ମାଣ କରାଯିବା ସହ ଏହି ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ଆକର୍ଷଣ ପାଇଁ ନିର୍ମାଣ ହେବାକୁ ଥିବା ରିଙ୍ଗ ରୋଡ ପାର୍ଶ୍ୱରେ ସୌନ୍ଦର୍ଯ୍ୟ କରଣ କରିବା ନେଇ ସରକାରଙ୍କ ପାଖରେ କିଛି ଯୋଜନା ଅଛି କି, ଯଦି ହଁ, ତେବେ ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ବେଦବ୍ୟାସ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା

2566 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଉରକେଲା ନିକଟସ୍ଥ ବେଦବ୍ୟାସ ପୀଠକୁ ପର୍ଯ୍ୟଟନସ୍ଥଳୀ ରୂପେ ମାନ୍ୟତା ଦେବା ସହ ଏହି ଅଞ୍ଚଳର ସୌନ୍ଦର୍ଯ୍ୟକରଣ କରାଇ ଏହାର ପ୍ରଚାର ଏବଂ ପ୍ରସାର ପାଇଁ ସରକାର ପଦକ୍ଷେପ ନେବେ କି ?

----

## Rope-way ସ୍ଥାପନ

2567 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ତଥା ବନ ବିଭାଗ ଅଧୀନରେ ଥିବା ଟିମ୍ବର କଲୋନୀ ନିକଟସ୍ଥ ପାହାଡ ଉପରେ ଥିବା ବୈଷ୍ଣୋଦେବୀ ମନ୍ଦିର ଓ ଇସ୍ପାତ ସହରାଞ୍ଚଳରେ ଥିବା ଦୁର୍ଗାପୁର ପାହାଡର ଆର ପଟେ ଅର୍ଥାତ୍ Sector-6 ନିକଟରେ ଥିବା ମା ତାରା ତାରିଣୀଙ୍କ ପୀଠକୁ Eco-Tourism ଯୋଜନାରେ ସାମିଲ କରାଯାଇ ସେଠାରେ ଗୋଟିଏ ଗୋଟିଏ Rope-way ସ୍ଥାପନ କରାଇବା ସହ ଏହି କ୍ଷେତ୍ରକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ଏହାର ବିକାଶ କରିବେ କି ?

----

## ପର୍ଯ୍ୟଟନ ବିକାଶ

2568 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ଓ ଆଧୁନିକିକରଣ ପାଇଁ ଓଡିଶା ସରକାରଙ୍କ ନିବେଶ ଅନୁକୁଳ ନୀତି କଣ ଅଛି ଓ ଏଥିପାଇଁ ବିଭିନ୍ନ ଘରୋଇ ଆନ୍ତର୍ଜାତିକ ନିବେଶଙ୍କୁ ଆହ୍ୱାନ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି, ପର୍ଯ୍ୟଟନର ବିକାଶ ଅର୍ଥନୈତିକ ଅଭିବୃଦ୍ଧିରେ ବହୁ ସହାୟକ ହେଉଥିବାରୁ ଏବଂ ଓଡିଶା ପର୍ଯ୍ୟଟନ କ୍ଷେତ୍ରରେ ବହୁ ସୁଯୋଗ ଓ ସମ୍ଭାବନା ଥିବାରୁ ସରକାର ଏହାକୁ ଗୁରୁତର ସହ ବିଚାର କରିବେ କି ?

----

## ଖାଲି ପଦବୀ ପୂରଣ

2569 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଏହି ବିଭାଗରେ ଓଡିଶାର କେତେ JE, AE, AEE, Executive Engineer, SE ଓ CE Post ଖାଲିଅଛି, କେତୋଟି Division ଅଛି, ବିନା ଅଫିସରରେ କାମ କିପରି ହେଉଛି ଓ ଖାଲିଥିବା ପଦବୀ କେବେ ପୂରଣ ହେବ ?

----

## ସୁଭଦ୍ରା ଯୋଜନା ସମ୍ପର୍କରେ

2570 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ଜଣ ମହିଳା ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ଭାବେ ସାମିଲ ହେବା ପାଇଁ ସରକାର ପ୍ରସ୍ତୁତି ଚଳାଇଛନ୍ତି ଓ ସେ ବାବଦକୁ ବାର୍ଷିକ କେତେ ଟଙ୍କା (ଜଣ ପିଛା ୧୦,୦୦୦ ଟଙ୍କା ବାର୍ଷିକ) ବଜେଟରେ ବ୍ୟବସ୍ଥା କରାଯିବ ଉତ୍ତର ଦେବେ କି, ଚଳିତ ବଜେଟରେ ଏ ବାବଦକୁ କେତେ ଅର୍ଥ ରଖାଯାଇଛି, ଯେଉଁମାନେ ୫୯ Year ଟପିଗଲେଣି ସେମାନେ କେବଳ ଗୋଟିଏ ଥର ୫୦୦ ଟଙ୍କା ପାଇବେ ନା ଯେହେତୁ ୬୦ ବର୍ଷ ଛୁଇଁବା ପୂର୍ବରୁ ନାମ ଅନ୍ତର୍ଭୁକ୍ତ ହୋଇଛି ସେ ୫୦,୦୦, ଟଙ୍କା ପର୍ଯ୍ୟନ୍ତ ପାଇବେ, ସେହିପରି ଯେଉଁ ମହିଳା ୨୧ ବର୍ଷରୁ ପାଇବା ଆରମ୍ଭ କରେ ସେ ପାଞ୍ଚ ବର୍ଷ ପାଇଲା ପରେ ଆଉ ୫ ବର୍ଷ ପାଇଁ Renewal ହେବ ନା ବନ୍ଦ ହେବ ?

----

## ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ

2571 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତେ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଅଛି ଓ ବହୁ ମଦ ଦୋକାନ ଲାଇସେନ୍ସ ଗୋଟିଏ ଜାଗା ପାଇଁ ପାଇଥିବା ସ୍ଥଳେ ଅନ୍ୟ ସ୍ଥାନରେ ମଦ ଦୋକାନ ଖୋଲିଥିବାର ବହୁ ଅଭିଯୋଗ ଆସୁଥିବାରୁ ସରକାର ତର୍ଜମା କରିବେ କି, ଶିକ୍ଷାନୁଷ୍ଠାନ, ଧର୍ମାନୁଷଠାନ, ଜାତୀୟ ରାଜପଥ ବସଷ୍ଟାଣ୍ଡ, Rail Station ଆବାସିକ କଲୋନି ହାଟ ବଜାର ଭଳି ସ୍ଥାନରେ ମଦ ଦୋକାନ ଖୋଲିବା ଉପରେ ଯେଉଁ କଟକଣା ଅଛି ସେଥିରେ ବହୁ ମାତ୍ରାରେ ଉଲଙ୍ଘନ ହେଉଥିବାରୁ ଦୃଢ ପଦକ୍ଷେପ ନେବେ କି ?

----

## ଆଇନ ସହାୟତା ପ୍ରଦାନ

2572 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଭିନ୍ନ ଅଦାଲତ ତରଫରୁ ବିଭିନ୍ନ କେଶରେ ଅନେକ ବ୍ୟକ୍ତି ବିରୋଧରେ ୱାରେଣ୍ଟ (Warrant) ଜାରି କରାଯାଇଛି ଓ ଉକ୍ତ ୱାରେଣ୍ଟ କାର୍ଯ୍ୟକାରୀ କରିବାରେ ସରକାରଙ୍କର ନିଷ୍ଠା ରହୁନି କାହିଁକି, ସେହିପରି ବିଭିନ୍ନ ମାମଲାରେ ବହୁ ନିରୀହ ବ୍ୟକ୍ତି ଅଯଥାରେ ଛନ୍ଦି ହୋଇପଡୁଥିବା ବେଳେ ଅଦାଲତ ତରଫରୁ ସୋମାନଙ୍କୁ Bail ରେ ଯିବା ପାଇଁ ଅନୁମତି ପ୍ରଦାନ ପରିପ୍ରେକ୍ଷୀରେ ଅର୍ଥ ଅଭାବରୁ ସେମାନଙ୍କ ପାଇଁ ଓକିଲ ମିଳୁନଥିବାରୁ ସରକାର ଗରୀବ ଲୋକଙ୍କ ପାଇଁ ଓକିଲ ଦେବେ କି, ସେହିପରି ରାଜ୍ୟରେ କେତୋଟି ଭ୍ରାମ୍ୟମାଣ ଅଦାଲତ ବସିଛି କେତେ ମାମଲାର ବିଚାର କରାଯାଇଛି ଗତ ୨ ବର୍ଷର ରିପୋର୍ଟ ପ୍ରଦାନ କରିବେ କି ?

----

## SHG ର ଋଣ ଛାଡ ସମ୍ପର୍କରେ

2573 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟ ସରକାର ସବୁ ଛତୁଆ କେନ୍ଦ୍ର ମାନଙ୍କରେ କେଉଁ ଭଳି କି କି ପଦାର୍ଥ ମିଶ୍ରଣରେ କେଉଁ ମାନର ଛତୁଆ ନିର୍ମାଣ କରାଯାଉଛି ତାହା ଉପରେ ତୀକ୍ଷଣ ଦୃଷ୍ଟି ଦେବେ କି, ମିଶନ ଶକ୍ତି ମା ମାନଙ୍କ ହାତକୁ ସରକାର କି କି କାମ ବାଣ୍ଟିଛନ୍ତି ଓ କେତେ ଟଙ୍କାର କାମ ଦେଇଛନ୍ତି ତାର ଉତ୍ତର ଦେବା ସହ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ SHG ଗୃପ ଋଣ ଟଙ୍କା ସୁଧ ଛାଡ ବାବଦରେ କେତେ ଟଙ୍କା ସୁଧ ଛାଡ କରାଯାଇଛି ?

----

## ମଦ ଭାଟି ସଂଖ୍ୟା

2574 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ କେତୋଟି ମଦଭାଟି ଅଛି ଓ ଦୈନିକ କେତେ ମଦ ରନ୍ଧାଯାଉଛି, କି କି ଉପାଦାନ କେତେ ପରିମାଣରେ ମିଶାଯାଇ ମଦ ରନ୍ଧା ହେଉଛି, ଭାଟିରେ ରନ୍ଧା ହେଉଥିବା ମଦ ଓ ସେଥିରେ ମିଶୁଥିବା ବିଭିନ୍ନ ଦ୍ରବ୍ୟର ମାନ ପରୀକ୍ଷା କିଏ କରୁଛନ୍ତି, ବିଶାକ୍ତ ମଦ ଯେପରି ରନ୍ଧା ନ ହୁଏ ଓ କେହି ନ ପିଇବେ ସେଥିପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ନିର୍ମାଣ ହୋଇଥିବା ପ୍ରକଳ୍ପ କାର୍ଯ୍ୟ

2575 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମୟୂରଭଞ୍ଜ ଜିଲ୍ଲାରେ ବିଗତ ୫ ବର୍ଷ ମଧ୍ୟରେ କଣ କଣ ପ୍ରକଳ୍ପ ନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟ କରାଯାଇଛି, ସେଥି ମଧ୍ୟରୁ ଅଦ୍ୟାବଧି କେଉଁ ପ୍ରକଳ୍ପ ଗୁଡିକ ସମ୍ପନ୍ନ ହୋଇ ନାହିଁ, ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ଏହାର ଏକ ତାଲିକା ପ୍ରକଳ୍ପ, ବଜେଟ ଅର୍ଥ, ଖର୍ଚ୍ଚ ଅର୍ଥର ହିସାବ ବର୍ଷୱାରୀ ପ୍ରଦାନ କରିବେ କି ?

----

## ସାନ୍ତାଳୀ ଭାଷାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଙ୍ଗନୱାଡି ଦିଦି ରୂପରେ ନିଯୁକ୍ତି

2576 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାର ବିଭିନ୍ନ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସାନ୍ତାଳୀ ପିଲା ଥିବା ଅଙ୍ଗନୱାଡି କେନ୍ଦ୍ରରେ ସମ୍ବିଧାନ ସ୍ୱାକୃତୀ ସାନ୍ତାଳୀ ଭାଷାକୁ ପ୍ରଚଳନ କରି ସାନ୍ତାଳୀ ଭାଷାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଙ୍ଗନୱାଡି ଦିଦି ରୂପରେ ନିଯୁକ୍ତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଯାତ୍ରା / ଉତ୍ସବ ପାଇଁ ଦିଆଯାଇଥିବା ଅନୁଦାନ

2577 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ଦେବୋତ୍ତର ସଂସ୍ଥାର ଟ୍ରଷ୍ଟ ବୋର୍ଡର ସଂଖ୍ୟା

2578 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାର କେଉଁଠାରେ କେତୋଟି ଦେବୋତ୍ତର ସଂସ୍ଥାର ଟ୍ରଷ୍ଟବୋର୍ଡ ଗଠନ ହୋଇଛି ଏବଂ ସେଗୁଡିକର ବାର୍ଷିକ ଆୟ ଓ ବ୍ୟୟ କେତେ ?

----

## ବାଚାରାଧିନ ମାମଲାର ସଂଖ୍ୟା

2579 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଚାର ବିଭାଗୀୟ ଅଦାଲତରେ କେତେଗୋଟି ମାମଲା ବିଚାରାଧିନ ଅଛି ଏବଂ ବିଗତ ପାଞ୍ଚ ବର୍ଷରେ କେତୋଟି ମାମଲାର ଫଇସଲା ହୋଇସାରିଛି ଓ ବକେୟା ମାମଲାର ଆଶୁ ଫଇସଲା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଅଛି ?

----

## ଜାତୀୟ ଜୀବିକା ମିଶନରେ ଆସିଥିବା ଅର୍ଥର ପରିମାଣ

2580 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ତିନି ବର୍ଷ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀକୁ ଜାତୀୟ ଜୀବିକା ମିଶନ (National Livelihood Mission) ରେ କେତେ ଅର୍ଥ କେଉଁ କାମ ପାଇଁ ଆସିଛି ଓ ସେହି ଅର୍ଥରେ କେଉଁ ବର୍ଷରେ କଣ କାମ କେଉଁ ସ୍ଥାନରେ ହୋଇଛି ଏବଂ କେତେ ମହିଳା ପ୍ରତ୍ୟକ୍ଷ ଭାବେ ବା ପରୋକ୍ଷ ଭାବେ ରୋଜଗାର ପାଇଛନ୍ତି ?

----

## ମନ୍ଦିର ଗୁଡିକର ଟ୍ରଷ୍ଟ ବୋର୍ଡ ଗଠନ

2581 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଯେତେ ସବୁ ପୁରୁଣା ମନ୍ଦିର ସେଗୁଡିକର ସୁରକ୍ଷା ଓ ପୁନରୁଦ୍ଧାର ବିଷୟ ପ୍ରତି ସରକାର ବ୍ୟବସ୍ଥା କରିବେ କି, ଏବଂ ମନ୍ଦିର ପାର୍ଶ୍ୱ ଅଞ୍ଚଳରେ ଉନ୍ନତି ପାଇଁ ଏବଂ ମନ୍ଦିର ଜମି ଗୁଡ଼ିକରେ Market Building ବା ବସଷ୍ଟାଣ୍ଡ ଇତ୍ୟାଦି କରି ମନ୍ଦିରର ରୋଜଗାର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଯେଉଁ ମନ୍ଦିର ଗୁଡ଼ିକର ଟ୍ରଷ୍ଟବୋର୍ଡ଼ ଗଠନ ହୋଇନାହିଁ, ସେ ସବୁର ଟ୍ରଷ୍ଟବୋର୍ଡ଼ ତୁରନ୍ତ ଗଠନ ପାଇଁ ବ୍ୟବସ୍ଥା କରିବେ କି ?

----

## ପ୍ରୋତ୍ସାହନ ଅଭାବରୁ ସତ୍ତା ହରାଇଥିବା ପାରମ୍ପରିକ ନୃତ୍ୟ କଳା ସମ୍ପର୍କରେ

2582 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି ସେଣ୍ଟରର ତାଲିକା

2583 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାୟଗଡ଼ା ଜିଲ୍ଲାରେ କେତୋଟି ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି ସେଣ୍ଟର କେଉଁଠାରେ ଅଛି ତାର ବ୍ଲକୱାରି ତାଲିକା ପ୍ରଦାନ କରିବେ କି ; ରାଜ୍ୟରେ କେତେ ସଂଖ୍ୟକ Anganwadi Centres କାର୍ଯ୍ୟ କାରୀ ହେଉଅଛି ଏବଂ ସେଥିରେ କେତେ ଶିଶୁ ( ବାଳକ ଏବଂ ବାଳିକା ) ଅଛନ୍ତି, ସେହି ଶିଶୁ ମାନଙ୍କୁ ( Pre-School going Children) ପାଠ ପଢାଇବାର ବ୍ୟବସ୍ଥା ଅଛି କି ; ସେମାନଙ୍କର ଖାଇବା ପାଇଁ କେଉଁ ଛତୁଆ ଦିଆଯାଉଅଛି ତାର ଉତ୍କୃଷ୍ଟ ନଥିବାର ସରକାରଙ୍କୁ ଖବର ଆସିଛି କି ; ଏହି ବାବଦରେ ସରକାରଙ୍କ Annual Expenditure କେତେ କହିବେ କି ?

----

## ମନ୍ଦିରର Renovation କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର

2584 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପତୋରା ମନ୍ଦିର ଏବଂ ସୁନାଦେଇ ମନ୍ଦିରର Renovation କାର୍ଯ୍ୟ ନିମନ୍ତେ ସରକାର କେତେ ଟଙ୍କା ମଞ୍ଜୁର କରିଛନ୍ତି, ସେଥି ମଧ୍ୟରୁ କେତେ ଟଙ୍କାର କାର୍ଯ୍ୟ ହେଲାଣି, କେତେ ଟଙ୍କା ବଳିଛି ଏବଂ ବଳକା ଟଙ୍କାର କାର୍ଯ୍ୟ କେବେ ସୁଦ୍ଧା କରି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଉତ୍ତର ଦେବେ କି ?

----

## ବାଇପାସ କରିବା ପାଇଁ ପଦକ୍ଷେପ

2585 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଘାଟିପଡା ଠାରୁ ଯୋକଂ ନଦୀ ଖରିଆର ରୋଡ ଏବଂ ନୂଆପଡା ଟାଉନକୁ ବାଇପାସ କରିବା ପାଇଁ କଣ ବିଚାର କରୁଛନ୍ତି ?

----

## ଏନିମିଟ୍ ସେଣ୍ଟର ଖୋଲିବାକୁ ପଦକ୍ଷେପ

2586 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ କେତେ ଏନିମିଟ ସେଣ୍ଟର (National Highway) State Highway, B.E. ଲୋକଙ୍କ ସୁବିଧା ନିମନ୍ତେ ତିଆରି କରାଯାଇଥିଲା ଯାହାକୁ Works Deptt ଲୋକଙ୍କୁ ରଖି ସୁରୁଖୁରୁ ରେ ଚଳାଉଥିବଲା ଏବଂ ଲୋକେମଧ୍ୟ ଉପକୃତ୍ତ ହେଉଥିଲେ ତାକୁ ବନ୍ଦ କରିବାର କାରଣ କଣ ଯାତ୍ରୀଙ୍କ ସୁବିଧା ପାଇଁ ଏହି କାର୍ଯ୍ୟ କେବେଠୁଁ ପୁଣି ଆରମ୍ଭ କରାଯିବ ?

----

## ପୂର୍ତ୍ତ ବିଭାଗ ରାସ୍ତା ନବିକରଣ

2587 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୂର୍ତ୍ତ ବିଭାଗ ରାସ୍ତା ଗୁଡିକର ନବୀକରଣ ପ୍ରସସ୍ତିକରଣ ପାଇଁ ପଦକ୍ଷେପ ନାଆ ଯିବ କି ଖଣ୍ଡପଡା ସହରାଞ୍ଚଳ, ଭାପୁର ବଜାର, କଣ୍ଟିଲୋ ବଜାର, ବାହାଡା ଛକ ଥଳିସାହି ବଜାର ପ୍ରଭୃତ୍ତି ଜନ ଗହଳି ପୂର୍ଣ୍ଣ ରାସ୍ତା କଡରେ ଡ୍ରେନେଜ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବ କି ?

----

## ପାନ୍ଥଶାଳାର ନବିକରଣ

2588 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ନିକଟରେ ଥିବା ପାନ୍ଥଶାଳା ଧର୍ମଶାଳା ଗୁଡିକ ବ୍ୟବହାର ଯୋଗ୍ୟ ଅଛି କି, ଯଦି ନା ତେବେ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ମା ନାରାୟଣୀ ପର୍ଯ୍ୟଟନ ପୀଠର ଉନ୍ନତିକରଣ

2589 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ନିକଟସ୍ଥ ମା ନାରାୟଣୀ ପର୍ଯ୍ୟଟନ ପୀଠର ଉନ୍ନତିକରଣ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅଧିକ ବିଷୟ ବରାଦ କରାଯିବାକୁ ଦୃଷ୍ଟି ଦିଆଯିବ କି ?

----

## ସିମୁଳିଆରେ ହସ୍ତାନ୍ତର ହୋଇଥିବା ରାସ୍ତା ସଂଖ୍ୟା

2590 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ঃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ- ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ତ୍ତ ବିଭାଗ ଅଦିନରେ କେତେ ଗୋଟି ରାସ୍ତା ଅଛି, ଗତ ଆର୍ଥିକ ବର୍ଷରେ କେତେଗୋଟି ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଛନ୍ତି ଓ ଚଳିତ ବର୍ଷ କେତୋଟି ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ହସ୍ତାନ୍ତର ପାଇଁ ପ୍ରସ୍ତାବ ଅଛି ?

----

## ଦୁଇଟି ବଡ ହମ୍ପସ ନିର୍ମାଣ

2591 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ঃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ- ଖଇରା ବ୍ଲକ ଅଧିନସ୍ଥ କୁପାରୀ High School ଓ କୁପାରୀ ମହାବିଦ୍ୟାଳୟର ମୁଖ୍ୟ ଫାଟକ ଦେଇ ପ୍ରତିଦିନ ହଜାର ହଜାର ଗାଡି ମୋଟର ବହୁ ଦ୍ରୁତଗତିରେ ଯାତାୟତ କରୁଥିବା ଓ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଏବଂ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତକୁ ଲକ୍ଷ୍ୟ ରଖି ଦୁଇଟି ବଡ ହମ୍ପସ ନିର୍ମାଣ କରିବେ କି ?

----

## ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ

2592 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ঃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ- ସିମୁଳିଆ ଓ ଖଇରା ବ୍ଲକରେ ସମୁଦାୟ କେତେଗୋଟି ଅଙ୍ଗନୱାଡି କେଉଁ କେଉଁ ସ୍ଥାନରେ ଅଛି, ତନ୍ମଧ୍ୟରୁ କେତୋଟିର ନିଜସ୍ୱ ଗୃହ ଅଛି, ଅବଶିଷ୍ଟ କେତୋଟିର ନିଜସ୍ୱ ଗୃହ ନାହିଁ, ଏହାର ନିଜସ୍ୱ ଗୃହ ନିର୍ମାଣ ପାଇଁ କି ପ୍ରକାର ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ?

----

## ଜଗନ୍ନାଥ ମନ୍ଦିରର ଉନ୍ନତି କରଣ

2593 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ঃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିঃ-ঃ-

----

## Rope Way ନିର୍ମାଣ

2594 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ঃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିକିଟି ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଦେବୀ ପୀଠ ମା ବାଲକୁମାରୀ ମନ୍ଦିରକୁ ଯିବା ଆସିବାରେ ସୁବିଧା ପାଇଁ Rope Way ନିର୍ମାଣ କରିବା ଓ ମନ୍ଦିର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କରିବା ପାଇଁ ଓ ତତସହିତ ଚିକିଟି ପେଣ୍ଠ ନିକଟସ୍ଥ ପାହାଡ ଉପରେ ଥିବା ଋଷିଦଳୀ ପଞ୍ଚମୁଖୀ ହନୁମାନ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ଏହାର ସୌନ୍ଦର୍ଯ୍ୟକରଣ ନିମନ୍ତେ ପଦକ୍ଷେପ ନେବେ କି ?

----

## ଶିଶୁମାନଙ୍କ ପୋଷଣ ସ୍ତରକୁ ବୃଦ୍ଧି

2595 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶିଶୁମାନଙ୍କ ପୋଷଣ ସ୍ତରକୁ ବୃଦ୍ଧି କରିବା ସହ ପୁଷ୍ଟି ହିନତା ରୋକିବା ପାଇଁ ରାଜ୍ୟରେ କେତେ ଗୋଟି ବ୍ଲକରେ କେଉଁ ଯୋଜନା ବା କାର୍ଯଅୟକ୍ରମ ମାଧ୍ୟମରେ କେତେ ଅର୍ଥ ବ୍ୟୟରେ ନିମ୍ନସ୍ୱାସ୍ଥ୍ୟ ସୂଚକାଙ୍କ ରେ ଥିବା କେତେ ସଂଖ୍ୟକ ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପୋଷଣ ସ୍ତରକୁ ବୃଦ୍ଧି କରାଯାଇ ପାରିଛି ଚଳିତ ଆର୍ଥିକ ବର୍ଷ ସହ ଗତ ଦୁଇ ବର୍ଷରେ ତାହାର ଏକ ବ୍ଲକୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭରେ ବିଳମ୍ବ

2596 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକର କେନ୍ଦୁ ଗୁଡାଘାଟର ଇନ୍ଦ୍ରାବତୀ ଜଳ ଭଣ୍ଡାର ଭିତରେ ପୋଲ ନିର୍ମାଣ ପାଇଁ ଗତ ତିନି ବର୍ଷ ତଳେ ଟେଣ୍ଡର କରାଯାଇଥିଲେ ହିଁ ଆଜି ପର୍ଯ୍ୟନ୍ତ କେଉଁ କାରଣ ଯୋଗୁଁ କାର୍ଯ୍ୟ ଆରମ୍ଭ ହେବ ଏବଂ ଏହାର କାର୍ଯ୍ୟ କେବେ ସମାପ୍ତ ହେବ ?

----

## ବିଦ୍ୟାଳୟର ରଙ୍ଗକାମ ଏବଂ ମରାମତି ସମ୍ପର୍କରେ

2597 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ୟୁନିଟ - ୧ ବାଳିକା (ସରକାରୀ ) ବିଦ୍ୟାଳୟର ମରାମତି ଓ ରଙ୍ଗକାମ ୨୦୨୩ - ୨୪ ବର୍ଷରେ କରାଯାଇଥିଲା ବେଳେ ସରକାରଙ୍କ କେତେ ତାରିଖର ନିର୍ଦ୍ଦେଶ ନାମା ଅନୁଯାୟୀ କଣ୍ଟ୍ରାକ୍ଟର ବିଦ୍ୟାଳୟ ଘରର ରଙ୍ଗ ବଦଳାଇ ଦେଇଛନ୍ତି, କେଉଁ କଣ୍ଟ୍ରାକ୍ଟରକୁ ସମ୍ପୃକ୍ତ ବିଭାଗର କେତେ ନମ୍ବର କାର୍ଯ୍ୟାଦେଶ ବଦଳରେ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ରଙ୍ଗ ବାବଦରେ କେତେ ଟଙ୍କାର Bill Amount ପେମେଣ୍ଟ ହୋଇଛି, ସମସ୍ତ ନିର୍ଦ୍ଦେଶନାମାର ତଥ୍ୟ ପ୍ରଦାନ କରିବେ କି ?

----

## କର୍ମକର୍ତ୍ତା ଚୟନ

2598 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱର ମଧ୍ୟମ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଶ୍ୱବିଜୟନୀ ମଧ୍ୟମ ମହାସଂଘର କର୍ମକର୍ତ୍ତା ମାନେ 2 ବର୍ଷରୁ ଉର୍ଦ୍ଧ ସମୟ ଧରି ସେମାନଙ୍କର ପଦ ପଦବୀରେ ରହୁଥିଲେ ମଧ୍ୟ ନିର୍ବାଚନ କରି ନୂତନ କର୍ମକର୍ତ୍ତା ଚୟନ କରିବାପାଇଁ କେଉଁ ଅଧିକାରୀ ପଦକ୍ଷେପ ନେବା ଆବଶ୍ୟକ SHG ମହାସଂଘର ସଦସ୍ୟା ନଙ୍କଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପୁଥିବାରୁ ବିଶ୍ୱବିଜୟିନୀ ମଧ୍ୟମ ମହାସିଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବେ କି ?

----

## ବିଦ୍ୟୁତ୍ ଯୋଗାଣ

2599 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## R.A Scheme ସଂଶୋଧନ

2600 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ-

----

## ରାସ୍ତାର ଉନ୍ନତି କରଣ

2601 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୂର୍ତ୍ତ ବିଭାଗ ତରଫରୁ ଗତ ୨୦୨୨ - ୨୩ ମସିହାରେ ବାନେଇ ଠାରୁ ଲଡୁଗାଁ ରାସ୍ତାର ଉନ୍ନତି କରଣ ପାଇଁ Tender କରାଯାଇଥିଲା, କେଉଁ କାରଣ ଯୋଗୁଁ ଏହି ରାସ୍ତାର କାର୍ଯ୍ୟ ଆରମ୍ଭ କରାଯାଉନାହିଁ କିମ୍ବା Re - Tender କରାଯାଉନାହିଁ, ତାହାର କଣ ପଦକ୍ଷେପ ନେଇଛନ୍ତି ?

----

## License ପ୍ରଦାନ

2602 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ କେତେଗୋଟି ବିଦେଶୀ ଓ ଦେଶୀ ମଦ ଦୋକାନକୁ License ଦିଆଯାଇଅଛି, ଏହାର ଏକ ସବିଶେଷ ବିବରଣୀ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ

2603 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ SH-10 ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ସଙ୍କରା ଛକ ସ୍ଥିତ NTPC Medical College ଦେଇ ଯାଇଅଛି, ଉକ୍ତ ରାସ୍ତାଟି ସଙ୍କୁଚିତ ଅବସ୍ଥାରେ ଥିବା ସରକାର ଜାଣନ୍ତି କି, ଯଦି 'ହଁ' ତେବେ ଏହାକୁ ସମ୍ପ୍ରସାରଣ କରିବା କାର୍ଯ୍ୟ କେବେସୁଦ୍ଧା ଶେଷ ହେବ ଏବଂ ଏଥିପାଇଁ କେତେ ବ୍ୟୟ ବରାଦ ହୋଇଛି ?

----

## ଅସମ୍ପୂର୍ଣ୍ଣ ହୋଇରହିଥିବା କାର୍ଯ୍ୟର ତାଲିକା

2604 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ ସୁନ୍ଦରଗଡ ପୂର୍ତ୍ତ ବିଭାଗ ଅଧିନରେ କେତେ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇପଡିରହିଛି ତା'ର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ଏବଂ ଏଗୁଡିକର ଧାର୍ଯ୍ୟ ସମସୀମା କ'ଣ ଥିଲା, ଏହି ସମୟସୀମା ଅତିକ୍ରମ କରିଥିବା ଠିକାଦାର ମାନଙ୍କ ବିରୁଦ୍ଧରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହା ଜଣାଇବା ସହ ଉକ୍ତ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ କି ପଦକ୍ଷେପ ନେବେ ?

----

## ନକଲି ଇଂରାଜୀ ମଦର ବହୁଳ ଚୋରା କାରବାର

2605 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ବାଲେଶ୍ୱରରେ ନକଲି ଇଂରାଜୀ ମଦର ବହୁଳ ଚୋରା କାରବାର ହେଉଛି ବୋଲି ଯେଉଁ ଅଭିଯୋଗ ଆସୁଛି ତାହାର ସତ୍ୟତା କ'ଣ, ଏ ଦିଗରେ ବିଭାଗ କ'ଣ ବିଶେଷ ପଦକ୍ଷେପମାନ ଗ୍ରହଣ କରୁଛି କହିବେ କି ; (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ off on bar ଇତ୍ୟାଦି ମିଶି କେତେ ଗୋଟି ଲାଇସେନ୍ସ ପ୍ରାପ୍ତ ଦୋକାନ ଅଛି ତାହାର ମାଲିକାନା ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, ଏବଂ କେଉଁ ସ୍ଥାନରେ ବିନା ଲାଇସେନ୍ସରେ ମଦ ବିକ୍ରି ହେଉଛି ?

----

## ବିଭିନ୍ନ ଯୋଜନାର ବିବରଣୀ

2606 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ଶିଶୁ, ଗର୍ଭବତୀ ମହିଳା ମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କି କି ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସେଥରେ କି ପ୍ରକାରର ଲାଭ ମିଳୁଛି ଯୋଜନା ଅନୁଯାଇ ସମ୍ପୁର୍ଣ ବିବରଣୀ ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ନାରୀ ସଂଘକୁ ଗତ ୨ ବର୍ଷ ହେବ କେଉଁ କାରଣରୁ ଗ୍ରାଣ୍ଟ ବନ୍ଦ କରାଯାଇଛି କହିବେ କି, ଉକ୍ତ ଗ୍ରାଣ୍ଟ କେବେଠୁ କେମିତି ମିଳିବ ଏବଂ ଉକ୍ତ ନାରୀ ସଂଘ ସ୍ଥାନରେ ବିଭାଗ ପକ୍ଷରୁ ଏକ ମହିଳା ସୁଧାର ଗୃହ ବା ଅନ୍ୟ କୌଣସି ଯୋଜନାରେ କୌଣସି ପ୍ରକଳ୍ପ ପ୍ରସ୍ତାବିତ ହୋଇଥିଲା କି, ଯଦି ହଁ ତେବେ ଏହାର ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି ?

----

## ସୁଭଦ୍ରା ଯୋଜନା ସମ୍ପର୍କରେ

2607 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସୁଭଦ୍ରା ଯୋଜନା ଶୁଭାରମ୍ଭ ପାଇଁ କେଉଁ ଜିଲ୍ଲାର କେଉଁ ବ୍ଲକ୍କୁ କେତେ ଅର୍ଥ ଦିଆଯାଇଥିଲା, ଏହି ଅର୍ଥ କେଉଁ କ୍ଷେତ୍ରରେ ବିନିଯୋଗ ହେବାର ନିୟମ ଥିଲା ; (ଖ) ଅନୁଗୁଳ ଓ କଟକ ଜିଲ୍ଲାର ସମସ୍ତ ଖର୍ଚ୍ଚର ବ୍ଲକୱାରୀ ବିବରଣୀ Bill-wise ଦେବାସହ ଏଗୁଡିକ କିଏ ପାସ୍ କରିଛନ୍ତି ଏବଂ Counter Signature Authority କିଏ ?

----

## ଦରମା ପ୍ରଦାନ

2608 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାର ମିଶନ ଶକ୍ତିରେ ନିଯୁକ୍ତି ପାଇଥିବା MBK, CRP ପ୍ରଶମିତ୍ର, କୃଷିମିତ୍ର LSP ମାନଙ୍କର ଦୀର୍ଘ ମାସ ହେଲାଣି ଦରମା ବନ୍ଦ ରହିଛି, ତେଣୁ କେବେସୁଦ୍ଧା ତାଙ୍କୁ ଦରମା ପ୍ରଦାନ କରାଯିବ ?

----

## ମା ତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ

2609 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲା ଘଟଗାଁ ଠାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ପିଠର ସୌନ୍ଦର୍ଯ୍ୟ କରଣ ପାଇଁ ସରକାର ଅନୁଦାନ ପାଣ୍ଠି ଘୋଷଣା କରିଥିବା କଥା ସତ୍ୟ କି, ଯଦି ଉତ୍ତର ହଁ ହୁଏ,ତେବେ ଏହାର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ କରାଯିବ ?

----

## ମଦ ଦୋକାନ ବନ୍ଦ ପାଇଁ ପଦକ୍ଷେପ

2610 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କନକା ଗ୍ରା.ପ. (ଖୋଲିକୋଟ୍) ବ୍ଲକ ଚିଲିକା ଡିଷ୍ଟେଲାରୀ (Wine Company) ପ୍ରତିଷ୍ଠା ପାଇଁ କେବେ କିଏ ଅନୁମତି ପାଇଛନ୍ତି, କେଉଁ ବିଭାଗ ଏଥିପାଇଁ ଅନୁମତି ଦେଇଛନ୍ତି କମ୍ପାନୀକୁ ଋଷିକୂଲ୍ୟା ନଦୀରୁ ପାଣି ନେବାପାଇଁ କିଏ କେବେ ଅନୁମତି ଦେଇଛନ୍ତି ; (ଖ) ଗଞ୍ଜାମ ଜିଲ୍ଲା ରମ୍ଭା (NH ନିକଟ) ଯେଉଁ ମଦ ଦୋକାନ ଖୋଲାଯାଇଛି, ମଦ ଦୋକାନ ନିକଟରେ ଗୋଟାଏ ଦିଗରେ ସ୍କୁଲ ଅନ୍ୟପଟେ ମନ୍ଦିର ରହିଛି, ସ୍ଥାନୀୟ ବାସିନ୍ଦା (Ward 6) ମଦ ଦୋକାନ ବନ୍ଦ ପାଇଁ ଦାବୀ ଆନ୍ଦୋଳନ କରୁଛନ୍ତି, ସରକାର ଏହା ବାନ୍ଦ ପାଇଁ ନିର୍ଦ୍ଦେଶ ଦେବେ କି ?

----

## ରାସ୍ତା ନିର୍ମାଣ କାର୍ଯ୍ୟ

2611 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଣତାରକା ପ୍ରଶ୍ନ ସଙ୍ଖ୍ୟା-2903 ତା- 25-07-2022 ରିଖ ଉତ୍ତର ଅନୁବୃତ୍ତି କ୍ରମେ -ଡୁମୁଡୁମା ଅଞ୍ଚଳବାସୀ ଏବଂ ଏ ଅଞ୍ଚଳର 7 ଟି ହାଉସିଂ ବୋର୍ଡ କଲୋନୀ ବାସିନ୍ଦା ଏଣେ I.T.E.R ରାସ୍ତାରେ ନାହିଁ ନଥିବା ଭିଡ ତେଣେ N.H. 16 କୁ ଅତିକ୍ରମ କରି ଭୁବନେଶ୍ୱର ସହର ମଧ୍ୟକୁ ଯାତାୟତ କରିବା ବା କ୍ୟାପିଟଲ ହସପିଟାଲ ତଥା ସଚିବାଳୟରେ ପହଞ୍ଚିବା ପାଇଁ ଯେଉଁ ଗମନା ଗମନ ଅସୁବିଧା ସମ୍ମୁଖୀନ ହେଉଛନ୍ତି, ତାକୁ ଏଡାଇବା ପାଇଁ 12 ବର୍ଷ ତଳେ B.D.A ର Town Planning ମାଧ୍ୟମରେ ଏକ 100 ଫୁଟିଆ ରାସ୍ତା ନିର୍ମାଣ ପାଇଁ ପ୍ଲାନ ରେ ବ୍ୟବସ୍ଥା କରିଥିଲେ ଯାହାକି ଡୁମୁଡୁମା ବରିଷ୍ଠ ନାଗରିକ ମଞ୍ଚ ତାକୁ କାର୍ଯ୍ୟକାରୀ କରିବା ପାଇଁ କସମୋପଲ୍ଲୀ ଡୁମୁଡୁମା ଫେଜ୍-4 ହାଉସିଂ ବୋର୍ଡ କଲୋନୀ ଦୋହରା ରାସ୍ତାକୁ ନେଇ ପୋଖରୀପୁଟ୍-ଜାଗମରା-ଖଣ୍ଡଗିରି ରାସ୍ତାରେ ଅଟକିଥିବା 200 ଫୁଟିଆ ରାସ୍ତା ସହ ସଂଯୋଗ କରିବା ପାଇଁ ଅନେକ ବର୍ଷ ହେଲା ସରକାରଙ୍କୁ ଦାବି ହୋଇଆସୁଥିବା ଯୋଗୁଁ ସରକାର ଏହି ରାସ୍ତା ନିର୍ମାଣ କରିବା କଥା ବିଚାର କରିବେ କି ?

----

## ଧାନ କ୍ରୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂଖ୍ୟା

2612 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନବରଙ୍ଗପୁର ଜିଲ୍ଲାରେ କେତୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରୁଛନ୍ତି, ଏହା ନଜରକୁ ଆସିଛି ଯେ, ମହିଳା SHG ଆଳରେ କିଛି ମଧ୍ୟସ୍ଥି ଅସାଧୁ ଉପାୟରେ ଧାନ କ୍ରୟ କରି ଲାଭବାନ୍ ହେଉଅଛନ୍ତି କି ?

----

## ମିଶନ ଶକ୍ତିରେ ଯୋଡି ହୋଇଥିବା ମହିଳାଙ୍କ ସଂଖ୍ୟା

2613 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେତେ ମହିଳା ମିଶନଶକ୍ତିରେ ଯୋଡ଼ି ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କଟକ ଜିଲ୍ଲାର କେତେ ମହିଳା ରହିଛନ୍ତି ; (ଖ) ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ କେଉଁ ପଞ୍ଚାୟତ କେତେ ମିଶନଶକ୍ତିରେ ମହିଳା ରହିଛନ୍ତି, ସେମାନେ କେଉଁ ଗୃପ ରେ ଅଛନ୍ତି ଏବଂ ସେମାନେ କେଉଁ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ?

----

## T. Safe Over Bridge ନିର୍ମାଣ

2614 **ଶ୍ରୀ ସୁଶାନ୍ତ କୁମାର ରାଉତ (ଭୁବନେଶ୍ୱର-ଉତ୍ତର ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ପରିସର VSS Nagar ରେ ହେଉଥିବା Over bridge L Safe କରାଯିବାର କାରଣ କ'ଣ ଜଣାଇବା ସହ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହାକୁ T Safe କରାଯିବା ପାଇଁ ପଦକ୍ଷେପ ନେବେ କି ?

----

## ଅଫିସ୍ ଗୃହ ନିର୍ମାଣ

2615 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 1991 ମସିହା ଠାରୁ ଆଜିକୁ 34 ବର୍ଷ ହେବ ବାରିପଦା ଠାରେ Council Of Higher Secondary Education Office ଖୋଲାଯାଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ ନିଜସ୍ୱ ଗୃହ ନାହିଁ, ଉକ୍ତ ଅଫିସ୍ ଗୃହ ନିର୍ମାଣ ପାଇ ସରକାର ପଦକ୍ଷେପ ନେବେ କି ?

----

## ହିଙ୍ଗୁଳା ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା

2616 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଡସାହି ନିର୍ବାଚନ ମଣ୍ଡଳୀର ମା ହିଙ୍ଗୁଳା ମନ୍ଦିରରେ ମେଳା ଉତ୍ତର ଓଡିଶାର ସର୍ବବୃହତ ମେଳା ଅଟେ, ପ୍ରତିବର୍ଷ ମେଳାରେ 10 ରୁ 12 ଲକ୍ଷ ଲୋକ ମେଳାରେ ସମାବେଶ ହୁଏ, ଯେହେତୁ ହିଙ୍ଗୁଳା ମନ୍ଦିର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇନାହିଁ ତେଣୁ ମନ୍ଦିରର ଉନ୍ନତି ପାଇଁ ସରକାରୀ ସହାୟତା ମିଳିପାରୁନାହିଁ, କେବେସୁଦ୍ଧା ହିଙ୍ଗୁଳା ମନ୍ଦିର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବ ?

----

## ପର୍ଯ୍ୟଟନସ୍ଥଳୀର ମାନ୍ୟତା

2617 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୁଣ୍ଟା ବ୍ଲକର ଟୁଙ୍ଗି ଏବଂ ବଡସାହି ବ୍ଲକର ଚାଉଳଘେରୀ ଦୁଇଟି ପର୍ଯ୍ୟଟନସ୍ଥଳୀ ସରକାରଙ୍କର ଦୃଷ୍ଟିରେ ଅଛି କି, ଯଦି ହଁ, ତେବେ ଉପରୋକ୍ତ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପଦବୀ ସହିତ ବିକାଶ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଝୁଲା ବ୍ରିଜ୍ ନିର୍ମାଣ

2618 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସେମିଳିଗୁଡ଼ା ବ୍ଲକ ରାଜୁପୁଟ ପଞ୍ଚାୟତର ଚଲାଣପୁଟ ପୋଡ଼ାଗଡ଼ କାଙ୍ଗା, ଜାମଗୁଡ଼ା ମଝୀରେ ଯେଉଁ ଉପର କୋଲାବ ଜଳଣ୍ଡାର ରହିଛି, ସେହି ଚଲାଣପୁଟ ଜାମଗୁଡ଼ା ଗ୍ରାମର ଉଭୟ ପାର୍ଶ୍ୱରେ ଥିବା ଦୁଇ ପାହାଡ଼କୁ ସଂଯୋଗ କରିବା ପାଇଁ ଏକ ସ୍ଥାୟୀ ପୋଲ କିମ୍ବା ଝୁଲା ବ୍ରିଜ ନିର୍ମାଣ ହେଲେ, ଦୁଇ ପାହାଡ଼କୁ କିଛି ଟଙ୍କା ମଞ୍ଜୁର କରି କିଛି ପର୍ଯ୍ୟଟନସ୍ଥଳି ପାଇଁ କାର୍ଯ୍ୟକରାଗଲେ ଏକ ଅତି ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହୋଇପାରିବ, ପୁଣି ସେଠାରେ ବୋଟିଙ୍ଗର ସୁବିଧା, ରୋପିଙ୍ଗର ସୁବିଧା, ଉଭୟ ନଦୀ କୂଳରେ ପର୍ଯ୍ୟଟନ ରହିବା ପାଇଁ କୋଟେଜ ଗୁଡ଼ାକ କଲେ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହୋଇପାରିବ, ଏଥିପ୍ରତି ସରକାର କି ପଦକ୍ଷେପ ନେବେ ?

----

## ଶ୍ରମ ନୀଳ ମାଧବ ମନ୍ଦିରର ରୂପାନ୍ତିକରଣ

2619 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ଶ୍ରୀ ନୀଳ ମାଧବ ମନ୍ଦିରର ରୂପାନ୍ତରୀକରଣ ପାଇଁ ପୂର୍ବ ସରକାର କେତେ ଟଙ୍କା ମଞ୍ଜୁର କରିଥିଲେ, ଏଥିରେ କି କି କାମ ହେବା ପାଇଁ ପ୍ରକଳ୍ପ ଅନୁମୋଦନ ମିଳିଥିଲା ତାହାର ଅଗ୍ରଗତି ଓ ପୂର୍ଣ୍ଣ ବିନିଯୋଗ ପାଇଁ କି ପଦକ୍ଷେପ ନିଆଯାଇଛି ?

----

## On Going Development Work at Chandi Temple

2620 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) The current status of the ongoing development work at the chandi Temple ; The timeline for the completion of the Chandi Temple Development ; Whether the Government has taken any specific measures to expedite the project and ensure its timely completion ?

----

## JMFC Court ପ୍ରତିଷ୍ଠା

2621 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୂର୍ବ ସରକାରଙ୍କ ଦ୍ୱାରା ଜୁନାଗଡ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକରେ ଏକ JMFC Court ପ୍ରତିଷ୍ଠା ପାଇଁ ମଂଜୁରୀ ହୋଇଥିଲା ; ଏହାର ବର୍ତ୍ତମାନ ସ୍ଥିତି କଣ ଓ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----